# ବିଜେଡିର ପରିବାର ସମ୍ପର୍କ ଅଭିଯାନ

## ବିଜେଡିରେ ଯୋଗଦେଲେ ୨୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ




**କୋରାପୁଟ,୧୦।୨(ସମିସ)**

କୋରାପୁଟ ବ୍ଲକ ଅନ୍ତର୍ଗତ ଦେବୀଘାଟ ପଞ୍ଚାୟତରେ ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ମଣ୍ଟୁ ବେନ୍ୟାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାଗା ମିଶନ ଉପଦେଷ୍ଟା ହରିଶଙ୍କର ରାଉତ, ବିଜେଡି ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ପାର୍ବତୀ ମସ୍ତି, ଜିଲ୍ଲା ପରିଷଦ ସଦସ୍ୟ ରଘୁ ଜାନୀ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ସଦସ୍ୟ ପର୍ଶୁ ମୁଦୁଲି, ବିଜେଡି ନେତା ତ୍ରିପୁରାରୀ ଗରଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳସୀ କିରସାନି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସମାଜସେବୀ ତ୍ରିନାଥ ପାତିକା, ବୋରିଗୁମ୍ମା ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ଥାନୀୟ ସରପଞ୍ଚଙ୍କ ସହ ଦୁଇ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣୀତ ହେବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ପ୍ରତି ଆକର୍ଷିତ ହୋଇ ସେମାନେ ବିଜୁ ଜନତା ଦଳରେ ଯୋଗଦେଇଥିବା ପ୍ରତିକ୍ରିୟା ଦେଇଥିଲେ। ଏହାଦ୍ୱାରା ବିଜୁ ଜନତା ଦଳ ସଂଗଠନ ଆହୁରି ସୁଦୃଢ଼ ହେବା ସହ ଆସନ୍ତା ସାଧାରଣ ନିର୍ବାଚନରେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳର ସ୍ଥିତି ମଜଭୁତ ରହିବ ବୋଲି ବିଧାୟକ ଶ୍ରୀ ପଡ଼ାଲ କହିଛନ୍ତି। କଂଗ୍ରେସ ଛାଡ଼ି ବିଜେଡିରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟ ଅତିଥିମାନେ ଦଳୀୟ ଉତ୍ତରୀୟ ଓ ମାଲ୍ୟାର୍ପଣ କରି ସ୍ୱାଗତ କରିଥିଲେ।

## କାଳିମେଳାରେ ମିଶିଲେ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ

**କାଳିମେଳା,୧୦।୨(ସମିସ):** ମାଲକାନଗିରି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାଳିମେଳା ବ୍ଲକର ଭେଙ୍କେଟ୍ ପାଲାମ ଓ ଚିତ୍ରାଙ୍ଗପାଲ୍ଲୀ ଗ୍ରାମ ପଞ୍ଚାୟତରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ, ଆଦର୍ଶ, ଜନସେବାକୁ ସଙ୍କଳ୍ପ ଭାବେ ଗ୍ରହଣ କରି ମାଲକାନଗିରି ନିର୍ବାଚନମଣ୍ଡଳୀର ବିଜେପି ଓ କଂଗ୍ରେସ ଦଳର ସଂଖ୍ୟାଧିକ ନେତୃବୃନ୍ଦ ଏବଂ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିର ମାଲକାନଗିରି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କ ବଳିଷ୍ଠ ନେତୃତ୍ୱରେ ନିର୍ମଳ ବିଶ୍ୱାସ, ଗୌତମ ମଣ୍ଡଳ, ମୁକୁନ୍ଦ ବାକଚି, ଇର୍ମା ମାଡକାମୀ, ତପନ ମଣ୍ଡଳ, ପ୍ରଶାନ୍ତ ଗାଇନ ପ୍ରମୁଖଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଶନିବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ତ୍ରିପାଠୀ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷିକା ଲୋରା ମହାପାତ୍ର, ମାଲକାନଗିରି ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ




ଦଶରଥ ମହାନ୍ତ, ବିଜେଡି ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ତପନ ସାନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ତଥା ସାଧାରଣ ସମ୍ପାଦକ ପତିତପାବନ ବୈଦ୍ୟ, ବିଜେଡି ନେତା ବାବାଜୀ ମଲ୍ଲିକ, କାଳିମେଳା ବ୍ଲକ ସଭାପତି ଶରତ ଚନ୍ଦ୍ର ବିଶ୍ୱାଳ, ମାଲକାନଗିରି ବ୍ଲକ୍ ସଭାପତି ହେମନ୍ତ ପଟ୍ଟନାୟକ ପ୍ରମୁଖଙ୍କ ସହ ବିଜେଡିର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ରାୟଗଡ଼ାରେ ୬୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ବିଜେଡିରେ ଯୋଗଦାନ

**ରାୟଗଡ଼ା,୧୦।୨(ସମିସ):** ରାୟଗଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ା ପୌର ପରିଷଦ ଅଧୀନସ୍ଥ ବିଭିନ୍ନ ୱାର୍ଡର ୬୦ରୁ ଊର୍ଦ୍ଧ୍ୱ ମହିଳା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ରାୟଗଡ଼ା ଭାରତୀୟ ଜନତା ପାର୍ଟି ନଗର କମିଟି ଉପସଭାପତି ନଳିନୀ ଜାନିଙ୍କ ନେତୃତ୍ୱରେ ୱାର୍ଡ ନମ୍ବର ୧୧ର ବିଭିନ୍ନ ସାହିରୁ ୪୦ଜଣ ମହିଳା ଏବଂ ୱାର୍ଡ ନମ୍ବର ୮, ୯, ୧୦, ୧୨, ୧୪, ୧୬, ୧୭ ଓ ୨୧ରୁ ୨୦ରୁ ଊର୍ଦ୍ଧ୍ୱ ମହିଳା ବିଜେଡିରେ ଯୋଗଦେଇଛନ୍ତି। ରାୟଗଡ଼ା ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଶର୍ମିତା ପାଢ଼ୀଙ୍କ ନେତୃତ୍ୱରେ ବିଜେଡିର ସକ୍ରିୟ କର୍ମୀ ଜୟନ୍ତୀ ମହାରଣାଙ୍କ ତତ୍ତ୍ୱାବଧାନରେ ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ବାସଭବନରେ ଶନିବାର ସନ୍ଧ୍ୟାରେ ଶ୍ରୀ ରାଓଙ୍କ ଉପସ୍ଥିତିରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦେଇଛନ୍ତି। ଏତେ ସଂଖ୍ୟାରେ ମହିଳାଙ୍କ ଯୋଗଦାନ ରାୟଗଡ଼ା ବିଜେଡି ଶିବିରକୁ ଆହୁରି ମଜଭୁତ କରିଛି ବୋଲି ଶ୍ରୀ ରାଓ ପ୍ରକାଶ କରିବା ସହ ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତୀକରଣ ଦିଗରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ କ୍ଷେତ୍ରରେ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରି ରାଜ୍ୟର ଲକ୍ଷ ଲକ୍ଷ ମହିଳାଙ୍କୁ ସ୍ୱାବଲମ୍ବୀ କରିବାରେ ଦେଶରେ ଓଡ଼ିଶାର ସୁନାମ ସୃଷ୍ଟି କରିଛନ୍ତି ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ସୁଶାସନରେ ଅନୁପ୍ରାଣିତ ହେବା ସହ ରାୟଗଡ଼ା ଜିଲ୍ଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ମହିଳାମାନେ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି ବୋଲି ନଳିନୀ ଜାନି ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ମହିଳା ରାଜ୍ୟ ଉପସଭାନେତ୍ରୀ ସୁଜାତା ପାଳଙ୍କ ସମେତ ରାୟଗଡ଼ା ଜିଲ୍ଲା ଓ ନଗର ମହିଳା ବିଜେଡି କମିଟିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଙ୍କ ନିଖୋଜ ଅଭିଯୋଗ

**ସେମିଳିଗୁଡ଼ା,୧୦।୨(ସମିସ):** କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ଥାନା ଅନ୍ତର୍ଗତ ଆଲିଗାଁ ଗ୍ରାମ ନିବାସୀ ବନ୍ଧୁ ଜାନିଙ୍କ ଝିଅ ତଥା ଭୁବନେଶ୍ୱର ସ୍ଥିତ ସତ୍ୟଭାମା ଦେବୀ ମୁକ ବଧିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଶ୍ରେଣୀର ଦିବ୍ୟାଙ୍ଗ ଛାତ୍ରୀ ସବିତା ଜାନି(୧୮) ଗତ ମାସଠାରୁ ନିଖୋଜ ଅଛନ୍ତି। ଏ ସମ୍ପର୍କରେ ସବିତାଙ୍କ ବାପା ବନ୍ଧୁ ଜାନି ଗତ ଜାନୁଆରୀ ୨୨ରେ ସେମିଳିଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ପ୍ରାଥମିକ ସୂଚନା ଅନୁଯାୟୀ, ସବିତା ଜାନି ଜାନୁଆରୀ ୧୮ ତାରିଖରେ କୋରାପୁଟରୁ ଭୁବନେଶ୍ୱର ଅଭିମୁଖେ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଯୋଗେ ଯାତ୍ରା କରିଥିଲେ। ଭୁବନେଶ୍ୱର ରେଳ ଷ୍ଟେସନରେ ପହଞ୍ଚି ବିଦ୍ୟାଳୟକୁ ଯାଉଥିବା ବାଟରେ କେଉଁଠି ହଜିଯାଇଛନ୍ତି। ସବିତାଙ୍କ ମୋବାଇଲ ଫୋନର ଲୋକସନ୍ କଟକ ଦେଖାଉଥିଲା। କିନ୍ତୁ ବର୍ତ୍ତମାନ ଫୋନ୍ ସ୍ୱିଚ୍ ଅଫ୍ ଦେଖାଉଛି। ବିଦ୍ୟାଳୟରେ ମଧ୍ୟ ଝିଅ ପହଞ୍ଚି ନ ଥିବା ଜଣାପଡ଼ିଛି। ଦିବ୍ୟାଙ୍ଗ ଝିଅଙ୍କୁ ଖୋଜାଖୋଜି କରି ଉଦ୍ଧାର କରି ତାଙ୍କୁ ହସ୍ତାନ୍ତର କରିବା ପାଇଁ ବନ୍ଧୁ ଜାନି ପୁଲିସ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ଏତଦ୍ ବ୍ୟତୀତ ଦିବ୍ୟାଙ୍ଗ ଝିଅକୁ ଯଥାଶୀଘ୍ର ଉଦ୍ଧାର କରିବା ପାଇଁ କୋରାପୁଟ ଜିଲ୍ଲା ବଧିର ସଂଘ ପକ୍ଷରୁ ଦାବି କରାଯାଇଛି।

### ଜଳବନ୍ଦୀ ଅଞ୍ଚଳରେ ପୁଲିସର ପ୍ରଥମ ଜନସମ୍ପର୍କ ଶିବିର

## ମନମୋହିଲା ବିଚ୍ଛିନ୍ନାଞ୍ଚଳବାସୀଙ୍କ ନୃତ୍ୟ



**ତେନ୍ତୁଳିଖୁଣ୍ଟି,୧୦।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ ଜଳବନ୍ଦୀ ଅଞ୍ଚଳ ଗୁରୁମାଇଗୁଡ଼ାଠାରେ ଆୟୋଜିତ ହୋଇଯାଇଛି ପୁଲିସର ପ୍ରଥମ ଜନ ସମ୍ପର୍କ ଶିବିର। ନବରଙ୍ଗପୁର ପୁଲିସ ସୌଜନ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଆରକ୍ଷୀ ଅଧୀକ୍ଷକ(ଏସପି) ରୋହିତ ବର୍ମା ଯୋଗଦେଇ ପୁଲିସ ଏବଂ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବାଲ୍ୟ ବିବାହ, ଦାଦନ ନିର୍ଯାତନା ଆଦି ଉପରେ ଲୋକଙ୍କୁ ସଚେତନ କରିବା ସହ ଆବଶ୍ୟକ କ୍ଷେତ୍ରରେ ପୁଲିସ ପ୍ରଶାସନର ସମ୍ପୂର୍ଣ୍ଣ ସହାୟତା ସହଯୋଗ ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ନବରଙ୍ଗପୁର ଏସଡିପିଓ କୃଷ୍ଣ ଚନ୍ଦ୍ର ଭତ୍ରା ଯୋଗଦେଇ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଜଳବନ୍ଦୀ ଅଞ୍ଚଳରେ କ୍ରୀଡ଼ା, ଶିକ୍ଷା ଆଦିର ବିକାଶ ପାଇଁ ବିଭିନ୍ନ ଯୁବକ ଏବଂ ଛାତ୍ରଛାତ୍ରୀଙ୍କୁ କ୍ରୀଡ଼ା ଓ ଶିକ୍ଷା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏଥିସହ ଲୋକଙ୍କୁ ବସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲେ ନବରଙ୍ଗପୁର ଏସପି ଶ୍ରୀ ବର୍ମା। ଜଳବନ୍ଦୀ ଅଞ୍ଚଳରେ ଭଲି ବଲ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଏଥିରେ ବିଜେତା ଏବଂ ଉପବିଜେତାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡ. ଅମରେଶ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ତେନ୍ତୁଳିଖୁଣ୍ଟି ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଯୋଗଦେଇ ଶତାଧିକ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ଏହି କାର୍ଯ୍ୟକ୍ରମରେ ଖାତିଗୁଡ଼ା ଥାନା ଅଧିକାରୀ ହରିଶ ଚନ୍ଦ୍ର ଗୋଲାରୀଙ୍କ ସମେତ ପୁଲିସ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

## ଚନ୍ଦନା ମଲ୍ଲିକ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦିକା

**ଉମରକୋଟ,୧୦।୨(ସମିସ):** ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ଚନ୍ଦନା ମଲ୍ଲିକ ରାଜ୍ୟ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଏତେ ବଡ଼ ଗୁରୁଦାୟିତ୍ୱ ଦେଇଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲ୍ଲା ବିଜେଡି ସଭାପତି ରମେଶ ଚନ୍ଦ୍ର ମାଝୀ, ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ,



ବିଜୁ ଜନତା ଦଳର ରାଜ୍ୟ ସଭାପତି ଦେବୀରଞ୍ଜନ ତ୍ରିପାଠୀ, ବିଜୁ ଛାତ୍ର ବ୍ୟାପାର ରାଜ୍ୟ ସମ୍ପାଦକ ପ୍ରଣବ ବଳବନ୍ତରାୟ, ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ସୁଧାଂଶୁ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉମରକୋଟ ଅଞ୍ଚଳରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ କିଭଳି ଏକଜୁଟ କରି ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବେ ବୋଲି ଶ୍ରୀ ଚନ୍ଦନା ମଲ୍ଲିକ କହିଛନ୍ତି।









## ପାନୀୟଜଳକୁ ନେଇ ଗୋଷ୍ଠୀ ସଂଘର୍ଷ; ରାସ୍ତା ଅବରୋଧ



**ବୋରିଗୁମ୍ମା,୧୦।୨(ସମିସ):** ପାନୀୟଜଳକୁ ନେଇ ଫୁଫୁଗାଁର ଦୁଇ ଗୋଷ୍ଠୀ ପରସ୍ପର ମଧ୍ୟରେ ଗଣ୍ଡଗୋଳ କରିବା ସହ ବୋରିଗୁମ୍ମା ଜାତୀୟ ରାଜପଥକୁ ଶନିବାର ଅବରୋଧ କରିଥିବା ଦେଖିବାକୁ ମିଳିଛି। ବୋରିଗୁମ୍ମା ଫୁଫୁଗାଁ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ବହୁ ଦିନ ଧରି ଗଣ୍ଡଗୋଳ ଲାଗି ରହିଥିବାବେଳେ ଶନିବାର ନଳକୂଅରୁ ପାଣି ନେବାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ଗୋଟିଏ ଗୋଷ୍ଠୀ ବୋରିଗୁମ୍ମାର ଜନୈକ ଆଇନଜୀବୀଙ୍କ ଘରକୁ ଅନ୍ୟ ଏକ ଗୋଷ୍ଠୀ ବିରୁଦ୍ଧରେ ଲିଖିତ ଅଭିଯୋଗ କରିବାକୁ ଆସିଥିବାବେଳେ ବିପକ୍ଷ ଗୋଷ୍ଠୀର କିଛି ଲୋକ ସେମାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ। ପରେ ଆକ୍ରମଣର ଶିକାର ହୋଇଥିବା ଗୋଷ୍ଠୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ପୁଣି ଥାନା ସମ୍ମୁଖରେ ବିପକ୍ଷ ଗୋଷ୍ଠୀ ଅଭିଯୋଗକାରୀ ଗୋଷ୍ଠୀଙ୍କୁ ମାଡ଼ ମାରିଥିଲେ। ମାଡ଼ ଖାଇଥିବା ଗୋଷ୍ଠୀର ଲୋକେ ଉତ୍ତ୍ୟକ୍ତ ହୋଇ ଥାନା ସମ୍ମୁଖରେ ୧ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଶହ ଶହ ଯାନବାହନ ଅଟକି ରହିଥିଲା। ତୁରନ୍ତ ମାଡ଼ ମାରିଥିବା ଲୋକଙ୍କୁ ଗିରଫ କରିବା ପାଇଁ ସେମାନେ ଦାବି କରିଥିଲେ। ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସେମାନେ ରାସ୍ତାରୋକରୁ ହଟିଥିଲେ।

# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା ଶିବିର

**କୋରାପୁଟ,୧୦।୨(ସମିସ)**





ସହରାଞ୍ଚଳରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କୋରାପୁଟ ମ୍ୟୁନିସିପାଲିଟିସ୍ତରୀୟ ଦ୍ୱିତୀୟ ସଚେତନତା ଶିବିର ଗାନ୍ଧୀ ନଗର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଛି। କୋରାପୁଟ ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନମ୍ବର ୭, ୮, ୧୦ ଓ ୧୬ର ବସ୍ତିବାସିନ୍ଦା ସଂଘ ଏବଂ ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀର କର୍ମକର୍ତ୍ତାମାନେ ଶିବିରରେ ଯୋଗଦେଇଥିଲେ। ଶିବିରରେ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ଟାଲି, ୱାର୍ଡ ନମ୍ବର ୭ କାଉନସିଲର କେ. ଗୁପ୍ତେଶ୍ୱର, ୱାର୍ଡ ନମ୍ବର ୮ର କାଉନସିଲର ପଦ୍ମା ମୁଦୁଲି, ୱାର୍ଡ ନମ୍ବର ୧୦ର କାଉନସିଲର କମଳା ନାୟକ, ୱାର୍ଡ ନମ୍ବର ୩ର କାଉନସିଲର କାଦମ୍ବିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଲୋକମାନଙ୍କୁ ବିଭିନ୍ନ ସରକାରୀ ଯୋଜନା ଏବଂ ସେଥିରୁ ସେମାନଙ୍କୁ ମିଳୁଥିବା ସେବା ବିଷୟରେ ଅବଗତ କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ, ଶିଶୁ ବିକାଶ, ମିଶନ ଶକ୍ତି ପ୍ରଭୃତି ବିଭାଗ ଷ୍ଟଲ ମାଧ୍ୟମରେ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ମିଶନ ଶକ୍ତି ମହିଳା ଗୋଷ୍ଠୀ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶୀ ଓ ଆଦିବାସୀ ନୃତ୍ୟ ସହ ଭଜନ ପରିବେଷଣ କରାଯାଇଥିଲା। ସିଏମଏମୟୁ ମ୍ୟାନେଜର ଶଶିକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଲକ୍ଷ୍ମୀପୁର :** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଓଡ଼ିଆପେଣ୍ଠ ପଞ୍ଚାୟତରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେଡି ସଭାପତି ଝିନ୍ନ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ସମାଜସେବୀ ଶଙ୍କର ସାଉଁନ୍ତା, ବ୍ଲକ୍ ଅଧ୍ୟକ୍ଷା ଶୁଆଇ କୁଲେସିକା, ବ୍ଲକ୍ ଉପାଧ୍ୟକ୍ଷା ଆରତୀ କୁଳଦୀପ ଓ ଗୌଡ଼ଗୁଡ଼ା, ଭିରଗଡ଼, କାକିରିଗୁମ୍ମା, ତୁନପାର, କୁସୁମୁଗୁଡ଼ା, ଚମ୍ପୀ, ବୁର୍ଜା ପଞ୍ଚାୟତର ସରପଞ୍ଚ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରରେ ଶତାଧିକ ଲୋକ ଯୋଗଦେଇ ଓଡ଼ିଶାର ଲୋକପ୍ରିୟ ସରକାର ଯେଉଁ ସବୁ ଯୋଜନା ପ୍ରସ୍ତୁତ କରୁଛନ୍ତି ତାହାଦ୍ୱାରା ସଧାରଣ ଲୋକେ ସିଧାସଳଖ ଭାବେ ଉପକୃତ ହେଉଛନ୍ତି। ମହିଳାମାନଙ୍କ ପାଇଁ ହେଉ କିମ୍ବା ଛାତ୍ରଛାତ୍ରୀମାନଙ୍କ ପାଇଁ କିମ୍ବା ବରିଷ୍ଠଙ୍କ ପାଇଁ ସମସ୍ତଙ୍କ ପାଇଁ ଯୋଜନା କରି ଘରେ ଘରେ ପହଞ୍ଚାଉଛନ୍ତି। ଲୋକେ ଏହାର ସିଧାସଳଖ ଫାଇଦା ଉଠାଉଛନ୍ତି ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରକାରର ସ୍ଥାନୀୟ କଳା ସଂସ୍କୃତି ସବୁ ପରିବେଷଣ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ବଂଶୀଧର ମାଣ୍ଡିଙ୍ଗାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଦେଖିବାକୁ ମିଳିଥିଲା।

## ସ୍ୱାମୀଙ୍କ ଆତ୍ମହତ୍ୟା ନେଇ ସ୍ତ୍ରୀର ଅଭିଯୋଗ

**ପଡ଼ିଆ,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ୍ ଅନ୍ତର୍ଗତ ଶିଙ୍ଗାନିଗୁଡ଼ା ଗ୍ରାମରେ ଜଣେ ବ୍ୟକ୍ତି କୀଟନାଶକ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗୁରୁବାର ରାତି ୮ଟା ବେଳେ ଘରେ କେହି ନଥିବାରୁ ଏହି ଗ୍ରାମର ଦେବା କାବାସୀ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘରେ ଥିବା କୀଟନାଶକ ଔଷଧ ପିଇ ଦେଇଥିଲେ। ଏନେଇ ଜାଣିବା ପରେ ଆଖପାଖ ଲୋକେ ତାଙ୍କୁ ଉଦ୍ଧାର କରି ପଡ଼ିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ମୃତକଙ୍କ ପତ୍ନୀ ଇର୍ମେ କାବାସୀ ଲିଖିତ ଭାବେ ପଡ଼ିଆ ଥାନାରେ ଅଭିଯୋଗ କରିଥିଲେ। ଥାନା ଏଏସଆଇ ସଦାଶିବ ପୂଜାରୀ ମାଲକାନାଗିରି ମୁଖ୍ୟ ଚିକିତ୍ସାଳୟକୁ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ପଡ଼ିଆ ଥାନାରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ୧୦ କିଲୋ ଆଇଇଡି ବୋମା ଉଦ୍ଧାର

**ମାଲକାନଗିରି,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ଦନ୍ତେୱାଡ଼ା ଜିଲ୍ଲାରେ ଯବାନମାନଙ୍କ କମ୍ବିଂ ଅପରେସନ ସମୟରେ ରାସ୍ତା କଡ଼ରୁ ଏକ ୧୦ କିଲୋ କମାଣ୍ଡ କଣ୍ଟ୍ରୋଲ ଆଇଇଡି ବୋମା ଉଦ୍ଧାର କରାଯାଇଛି। ତଥ୍ୟ ମୁତାବକ ଦନ୍ତେୱାଡ଼ା ଜିଲ୍ଲା କିରଣ୍ଡୋଲ ଥାନା ଅନ୍ତର୍ଗତ ହିରୋଲି ଗ୍ରାମଠାରୁ ମଡ଼କାମିରାସ ଗ୍ରାମ ମଧ୍ୟରେ ନୂତନ ଭାବେ ସଡ଼କ ନିର୍ମାଣ କାର୍ଯ୍ୟ ଚାଲୁଅଛି। ଏହି ରାସ୍ତା ପାର୍ଶ୍ୱର୍ରେ ମାଓବାଦୀମାନେ ଏକ ଛୋଟ ଗୁମ୍ଫା ଭଳି ଖାଲ ବନାଇ ସେଥିରେ ୧୦ କିଲୋର କମାଣ୍ଡ କଣ୍ଟ୍ରୋଲ ଆଇଡି ଲଗାଇଥିଲ। ଯବାନମାନଙ୍କୁ ଖବର ମିଳିଲା ପରେ ଏ ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ହିରୋଲି ଓ ଚେଲନାର ସିଏଏକେ କ୍ୟାମ୍ପ ଏବଂ ବିଡିଏସ ଦଳର ଯବାନ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଆଇଇଡି ବୋମାକୁ ଉଦ୍ଧାର କରିବା ପରେ ସୁରକ୍ଷିତ ସ୍ଥାନକୁ ନେଇ ତାକୁ ନିଷ୍କ୍ରିୟ କରିଥିଲ। ଏହି ବୋମା ଯବାନମାନଙ୍କୁ ଟାର୍ଗେଟ କରି ଅରନପୁର ମାଓବାଦୀମାନେ ଖଞ୍ଜିଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ୫୪ ଲିଟର ଦେଶୀ ମଦ ଜବତ; ଦୁଇ ଗିରଫ

**ଜୟପୁର,୧୦।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଅବକାରୀ ପୁଲିସ ଥାନା ପକ୍ଷରୁ ରବିବାର ପୂର୍ବାହ୍ଣରେ ବେଆଇନ୍ ଭାବେ ପ୍ରସ୍ତୁତ ଦେଶୀ ମଦ ଚାଲାଣବେଳେ ଦୁଇ ଜଣଙ୍କୁ ଗିରଫ କରିବା ସହ ୫୪ ଲିଟର ମଦ ଜବତ କରାଯାଇଛି। ସେମାନଙ୍କୁ ତୁରନ୍ତ କୋର୍ଟ ଚାଲାଣ କରାଯାଇଛି। ଦୁଇ ଗିରଫ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନାସ୍ଥିତ ମୁଣ୍ଡିଗୁଡ଼ା ଗ୍ରାମର ପ୍ରସନ୍ନ ପରଜା (୩୩) ଏବଂ ମୀନ ପରଜା (୩୦)। ଅଭିଯୁକ୍ତ ଦୁଇଜଣ ଦୁଇଟି ଗାଡ଼ି ଚକା ଟ୍ୟୁବରେ ବେଆଇନ ପ୍ରସ୍ତୁତ ଦେଶୀ ମଦ ଜୟପୁର ସହର ଏବଂ ଆଖପାଖ ଗ୍ରାମକୁ ଚାଲାଣ କରୁଥିବା ସୂଚନା ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଅବକାରୀ ଥାନା ଅଧିକାରୀ ନୀଳାଦ୍ରି ବିହାରୀ ମିଶ୍ର ଏବଂ ଏଏସଆଇ ଲକ୍ଷ୍ମଣ ରାଓଙ୍କ ନେତୃତ୍ୱରେ ଅବକାରୀ କର୍ମଚାରୀମାନେ ଏହି ଚଢ଼ଉର ନେତୃତ୍ୱ ନେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ବାର୍ଷିକୋତ୍ସବ



**କୋରାପୁଟ,୧୦।୨(ସମିସ):** କୋରାପୁଟ ସହର ନିକଟସ୍ଥ ମାଛରା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମାଛରା ଓଏଭିର ଅଧ୍ୟକ୍ଷ ଶଶାଙ୍କ ଶେଖର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇଏଏସ୍ ପ୍ରୋବେସନାରୀ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରଘୁରାମ ପଡାଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟ ରାଜ୍ୟ ତଥା କୋରାପୁଟ ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ବ୍ଲକ୍ ଅଧ୍ୟକ୍ଷା ନମିତା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଷ ତମାମ ବିଦ୍ୟାଳୟସ୍ତରରେ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଘନ କୁହୁଡ଼ି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ



ଲମତାପୁଟ,୧୦।୨(ସମିସ): ଫେବୃଆରୀ ମାସରେ ମଧ୍ୟ କୋରାପୁଟ ଜିଲ୍ଲା ଲମତାପୁଟରେ ଶୀତର ଲହରୀ ଜାରି ରହିଥିବା ଦେଖିବାକୁ ମିଳିଛି। ଶୀତର ଲହରୀ ଯୋଗୁଁ ଶନିବାର ପୁଣି ଅଞ୍ଚଳରେ ଘନ କୁହୁଡ଼ି ଦେଖିବାକୁ ମିଳିଥିଲା। ଏହା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିବା ଦେଖିବାକୁ ମିଳିଛି। ଲମତାପୁଟରେ ଶନିବାର ପୁଣି ୧୦ ଡିଗ୍ରୀ ତଳେ ପାରଦ ରହୁଥିବା ନଜରକୁ ଆସିଛି। ଗତ ୫ ଦିନ ପୁଣି ଶୀତର ଲହରୀ ଜାରି ରହିଛି। ଦିନ ୯ଟା ପର୍ଯ୍ୟନ୍ତ ଲମତାପୁଟ ଅଞ୍ଚଳରେ ଶୀତର ପ୍ରକୋପ ଦେଖିବାକୁ ମିଳୁଥିବାବେଳେ ଦିନ ୧୦ଟା ପର୍ଯ୍ୟନ୍ତ କୁହୁଡ଼ି ସାରା ଅଞ୍ଚଳକୁ ଢାଙ୍କି ରଖୁଛି। ମାଛକୁଣ୍ଡ ଜଳାପୁଟ ଏବଂ କୋଲାବ ଜଳଭଣ୍ଡାର ଲମତାପୁଟ ବ୍ଲକକୁ ଘେରି ରହିଛି। ତେଣୁ ଏହି ଅଞ୍ଚଳରେ ଶୀତର ପ୍ରକୋପ ଅଧିକ ରହିଥାଏ। କୁହୁଡ଼ି ସକାଶେ ରାସ୍ତା ସମ୍ପୂର୍ଣ୍ଣ ଦେଖାଯାଉ ନ ଥିବାବେଳେ ଅପରାହ୍ଣରେ ସାମାନ୍ୟ ଗରମ ଅନୁଭୂତ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାରେ ଗାଡ଼ି ଚଳାଇବା କଷ୍ଟସାଧ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ପାଣିପାଗର ସୂଚନା ଅନୁଯାୟୀ, ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଏଭଳି ଶୀତ ଏବଂ କୁହୁଡ଼ି ଲାଗି ରହିବା ନେଇ ପୂର୍ବାନୁମାନ କରାଯାଉଛି।

## ବ୍ଲକ୍‌ସ୍ତରୀୟ ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

**ପାପଡ଼ାହାଣ୍ଡି,୧୦।୨(ସମିସ):** ପାପଡ଼ାହାଣ୍ଡି ବ୍ଲକ୍ ଦଳେଇଗୁଡ଼ା ମିନି ଷ୍ଟାଡିୟମରେ ଗତ ୭ ତାରିଖରୁ ଚାଲିଥିବା ଆଦିବାସୀ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଶୁକ୍ରବାର ଉଦଯାପିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ, ଉପାଧ୍ୟକ୍ଷା ଭାନୁମତି ପୂଜାରୀ, ବ୍ଲକ୍ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶବନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କ୍ରିକେଟ, ଫୁଟବଲ, ଭଲିବଲ ଖେଳ ପ୍ରତିଯୋଗିତା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଅତିଥିମାନେ ଏହି ଉତ୍ସବ ବିଷୟରେ ଆଲୋକପାତ କରିଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଦିବ୍ୟାଙ୍ଗଙ୍କୁ ସହାୟକ ଉପକରଣ ବଣ୍ଟନ

**ସେମିଳିଗୁଡ଼ା,୧୦।୨(ସମିସ):** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟରେ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜନ ହେଇଥିଲା। ବ୍ଲକ୍ ଅଧ୍ୟକ୍ଷ ଲିଲି ଅଣ୍ଟାବିରିଆ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ସମିତି ଉପାଧ୍ୟକ୍ଷ ଶିବା ବାଙ୍ଗାରିଙ୍କ ଅଧ୍ୟକ୍ଷତାରେ ଆୟୋଜନ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ନାରାୟଣ ସାବତ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧୀରେନ୍ଦ୍ର କୋଣ୍ଡାଗିରି, ବିଧାୟକ ପ୍ରତିନିଧି ଅନନ୍ତରାମ ମାଟାମ, ସାମାଜିକ ସୁରକ୍ଷା ଅଧିକାରୀ ଗୌତମ ଗୁମାଲ, ରାଜପୁଟ ସରପଞ୍ଚ ପିତାମ୍ବର କିର୍ଷନୀ ସମସ୍ତ ପଞ୍ଚାୟତର ହିତାଧିକାରୀ ଉପସ୍ଥିତ ଥିଲେ। ଶିବିରରେ ସମୁଦାୟ ୭୫ ଜଣ ଦିବ୍ୟାଙ୍ଗ (ଭିନ୍ନକ୍ଷମ)ଙ୍କୁ ସହାୟକ ଉପକରଣ ପ୍ରଦାନ କରିଥିଲେ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହଷ୍ଟେଲରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ସୁନାବେଡ଼ା,୧୦।୨ (ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ହଷ୍ଟେଲ ରୁମ୍ରୁ ଜଣେ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାଯାଇଛି। ମୃତ ଛାତ୍ରୀଜଣକ ଗଣିତ ବିଭାଗ ପ୍ରଥମ ବର୍ଷର ଛାତ୍ରୀ ସନ୍ଧ୍ୟାରାଣୀ ଦାସ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଦାଧିବାମନପୁର ଗ୍ରାମରେ। ଗତ କିଛି ଦିନ ହେବ ସନ୍ଧ୍ୟାରାଣୀ କୌଣସି କାରଣରୁ ବିଷାଦଗ୍ରସ୍ତ ରହୁଥିଲେ। ତେବେ ଆଜି ହଷ୍ଟେଲରେ କେହି ନ ଥିବା ବେଳେ ନିଜ ରୁମ୍ ପଙ୍ଖାରେ ଓଢ଼ଣୀ ଲଗାଇ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଖବର ପାଇ ସୁନାବେଡ଼ା ଥାନା ଦାୟିତ୍ୱରେ ଥିବା ସେମିଳିଗୁଡ଼ା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ସୁନାବେଡ଼ା ଥାନା ଏଏସ୍‌ଆଇ ବାଳକୃଷ୍ଣ ରଥ ସଦଳବଳେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ କେଉଁ କାରଣରୁ ସନ୍ଧ୍ୟାରାଣୀ ଏପରି ଚରମ ପଦକ୍ଷେପ ନେଲେ, ସେନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି। ପରିବାର ଲୋକେ ପହଞ୍ଚିବା ପରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲ କଲେଜରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାଯାଇଛି।

## ଭି. ସୁଜ୍ଞାନ ଦେଓଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ରାୟଗଡ଼ା,୧୦।୨(ସମିସ):** ବିଶିଷ୍ଟ ରାଜନୈତିଜ୍ଞ ତଥା ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି.ସୁଜ୍ଞାନ ଦେଓଙ୍କ ବିୟୋଗରେ ବିଜୁ ଜନତା ଦଳ ରାୟଗଡ଼ା ନିର୍ବାଚନ ମଣ୍ଡଳି ପକ୍ଷରୁ ଶନିବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ରାଜ୍ୟ ବିଜେଡି ଦଳର ଉପସଭାପତି ଏନ.ଭାସ୍କର ରାଓଙ୍କ ବାସଭବନରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରୀ ରାଓଙ୍କ ସମେତ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବିଜେଡି ମହିଳା ରାଜ୍ୟ ଉପସଭାପତି ସୁଜାତା ପାଳ, ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଶର୍ମିତା ପାଢ଼ୀ, ଅବିଭକ୍ତ କୋରାପୁଟ କେସିସି ବ୍ୟାଙ୍କ ନିର୍ଦ୍ଦେଶକ ବାନାଗାଡ଼ି ତିରୁପତି, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, କାଶିପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ରାୟଗଡ଼ା ବ୍ଲକ ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ଜିଲ୍ଲା ପରିଷଦ ସଭ୍ୟା ସନ୍ଧ୍ୟାରାଣୀ ପୁଲାକା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବିନାୟକ କର, ମା’ ମଝିଘରିଆଣୀ ମନ୍ଦିର ଟ୍ରଷ୍ଟି ରାଇସିଂ ବିଡ଼ିକା, ସଭ୍ୟ ସନ୍ୟାସୀ ରାଜୁ, ହୃଷିକେଶ କୁଳଦୀପ, ଯୋଗେଶ ପେଦେଂଟି, ହରପ୍ରସାଦ ନାୟକଙ୍କ ସମେତ ରାୟଗଡ଼ା ପୌର ପରିଷଦର ବିଜେଡି କାଉନସିଲର ବୃନ୍ଦ ଓ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତଃ ଭି.ସୁଜ୍ଞାନ ଦେଓଙ୍କ ଫୋଟଚିତ୍ରରେ ଧୂପ ଓ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଖଲ୍ଲିକୋଟର ପୂର୍ବତନ ବିଧାୟିକା ସ୍ୱର୍ଗତ ଭି. ସୁଜ୍ଞାନ ଦେଓଙ୍କ ଶୁକ୍ରବାର ବିଳମ୍ବିତ ରାତ୍ରରେ ଚେନ୍ନାଇର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ବେଳକୁ ୮୭ବର୍ଷ ହୋଇଥିବାବେଳେ ତାଙ୍କ ବିୟୋଗରେ ବିଜେଡି ସମେତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜଣେ ଘନିଷ୍ଠ ସହଯୋଗୀ ତଥା ବିଶିଷ୍ଟ ରାଜନୈତିଜ୍ଞ ଖସଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକ ଖବର ଶୁଣି ମୁଁ ମର୍ମାହତ ବୋଲି ଶ୍ରୀ ରାଓ ପ୍ରକାଶ କରିବା ସହ ସେ ସୁଜ୍ଞାନ ଦେଓଙ୍କୁ ମା’ ବୋଲି ସମ୍ବୋଧନ କରୁଥିଲେ ବୋଲି କହିଛନ୍ତି। ସ୍ୱର୍ଗତ ସୁଜ୍ଞାନ କୁମାରୀ ଦେଓ କେବେ ବି ମନ୍ତ୍ରୀ ପଦ ପାଇଁ ଇଚ୍ଛା ପ୍ରକାଶ କରି ନ ଥିଲେ ସେ ବିଧାୟକ ଭାବେ ରହି ଲୋକଙ୍କୁ ସରକାରଙ୍କ ସମସ୍ତ ଯୋଜନାର ଉପକୃତ କରାଇବା ପାଇଁ ସବୁବେଳେ ଚେଷ୍ଟିତ ଥିଲେ ବୋଲି ଶ୍ରୀ ରାଓ କହିଛନ୍ତି।



### ବଂଶଧାରା ବସନ୍ତ ମହୋତ୍ସବ ଉଦ୍‌ଘାଟିତ

# ଦୁଲଦୁଲି, କାଳୀନୃତ୍ୟ ସାଙ୍ଗକୁ ମନମୋହିଲା ଶୈଳଭାମାଙ୍କ ସଙ୍ଗୀତ

**ଗୁଣୁପୁର,୧୦।୨(ସମିସ)**



ରାୟଗଡ଼ା ଜିଲ୍ଲା ଗୁଣପୁରର ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ବସନ୍ତ ମହୋତ୍ସବ ଉଦଘାଟିତ ହୋଇଯାଇଛି। ମେଗା କ୍ରୀଡ଼ା ଉତ୍ସବ ଓ ଜନଜାତି ଉତ୍ସବପରେ ଆଜି ମୂଳ ଗଣପର୍ବକୁ ପଦ୍ମଶ୍ରୀ ଉତ୍ସବଚରଣ ଦାସ ଯୋଗଦେଇ ଉଦଘାଟନ କରିଛନ୍ତି। ସକାଳୁ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରିଥିଲା ଆଜ୍ଞାମାଳ ଶୋଭାଯାତ୍ରା। ଜୁନାଗଡ଼ ଦୁଲଦୁଲି, ଆନ୍ଧ୍ର ଓ୍ୱିରଗୋଟମର କାଳୀନୃତ୍ୟ ସହ ଡାମ୍ପ, ତଷଢ଼ୋଲ, ତୁରି ଓ ସଂକୀର୍ତ୍ତନ ସହ ଆଦିବାସୀ ନୃତ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ଏହି ଆଜ୍ଞାମାଳ ଉତ୍ସବ ପଡ଼ିଆକୁ ପହଞ୍ଚିଥିଲା। ହଜାର ହଜାର ସଂଖ୍ୟାରେ ଲୋକ ଏହି ଶୋଭାଯାତ୍ରାରେ ଭାଗ ନେଇଥିଲେ। ସନ୍ଧ୍ୟାରେ ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ରଞ୍ଜିତ ପାଢ଼ୀ ସମ୍ପାଦକୀୟ ବିବରଣୀ ପାଠ କରି ୧୨ ବର୍ଷର ସଫଳତାର ଶ୍ରେୟ ଗୁଣୁପୁର ବାସୀଙ୍କୁ ଦେଇଥିଲେ। ଏହି ଅବସରରେ ଆଜି ବିଶିଷ୍ଟ କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ଓ ଡ.ଚନ୍ଦନ ଗନ୍ତାୟତଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନମୋହିଥିଲା। ସେହିପରି ସଂସ୍କୃତି ବିଭାଗ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିବାବେଳେ ସ୍ଥାନୀୟ ଅଞ୍ଚଳର ବହୁ ନୃତ୍ୟଦଳ ମଧ୍ୟ ମଞ୍ଚରେ ନୃତ୍ୟ ପରିବେଷଣ କରିଥିଲେ। ଆଜି ଉଦଘୋଷିକା ଭାବେ ବେବିରାଣୀ ନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଉପ ସଭାପତି ଉମାଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଏସ. ବାବା ପ୍ରଶାଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଜି ଅତିଥି ଭାବେ ପୌରାଧ୍ୟକ୍ଷା ମମତା ଗୌଡ଼, ଓକିଲ ସଂଘର ସଭାପତି ଉମାଚରଣ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଫଣୀଭୂଷଣ ପଟ୍ଟନାୟକ, ରାଜେନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ ଓଏଏସ ଅଧିକାରୀ ଲଲାଟେନ୍ଦୁ ମିଶ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ସକାଳର କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଝିଲି ଶବର ଓ ଉପାଧ୍ୟକ୍ଷ ସୁଦର୍ଶନ ଶବର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଉପାଧ୍ୟକ୍ଷ ଶିବପ୍ରଶାଦ ଗୌଡ଼, କାଉନସିଲର ଭାଗିରଥି ବିଶୋୟୀ, ପ୍ରମୋଦ ଦାସ, କୈଳାସ ଦାସ, ତ୍ରିପତି ମହାନ୍ତି, କୈଳାସ ଦାସ, ସମ୍ପାଦକ ରାମ ପଣ୍ଡା, ଲକ୍ଷ୍ମୀ ମହାଙ୍କୁଡ, ଶକ୍ତି ଦାସ, ସଂଯୋଜକ ବି. ସତିଶ କୁମାରଙ୍କ ସମେତ ବହୁ ସଂଖ୍ୟାରେ ଅଞ୍ଚଳରେ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ପଞ୍ଚାୟତର ଆର୍ଥିକ ଅଭିବୃଦ୍ଧି ଓ ନିଶାମୁକ୍ତ କରି ଚେନ୍ନାଇରେ ସମ୍ମାନିତ ହେଲେ ସରପଞ୍ଚ

**ମାଥିଲି,୧୦।୨(ସମିସ):** ତାମିଲନାଡୁ ରାଜଧାନୀ ଚେନ୍ନାଇଠାରେ ସମୃଦ୍ଧି ସମିତି-୯ ତରଫରୁ ଉପାନ୍ତ ଅଞ୍ଚଳର ସରପଞ୍ଚ ବନ୍ଧୁ ଭୂମିଆଙ୍କୁ ସମ୍ମାନିତ କରାଯାଇଛି। ମିଶନ ସମୃଦ୍ଧି ସମିତି-୯ ଅନୁଷ୍ଠାନ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ସାଲିମି ପଞ୍ଚାୟତର ସରପଞ୍ଚ ବନ୍ଧୁ ଭୂମିଆଙ୍କୁ ଶ୍ରେଷ୍ଠ ଲୋକପ୍ରତିନିଧି ଭାବରେ ଏହି ସମ୍ମାନ ମିଳିଛି। ସାଲିମି ସରପଞ୍ଚ ନିଜ ପଞ୍ଚାୟତରେ ନିଶାମୁକ୍ତ ପାଇଁ ଆହ୍ୱାନ ଦେଇ ସଫଳ ହୋଇଥିଲେ। ସେଥିପାଇଁ କିଛି ଦିନ ପୂର୍ବରୁ ତାଙ୍କୁ କିଶୋର ଚନ୍ଦ୍ର ତ୍ରିପାଠୀ ସ୍ମୃତି କମିଟି ତରଫରୁ ଭୁବନେଶ୍ୱରସ୍ଥିତ ପୁଲିସ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପାନ୍ତ ଅଞ୍ଚଳର ସରପଞ୍ଚ ବନ୍ଧୁ ଭୂମିଆଙ୍କୁ ସମ୍ମାନିତ କରାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ନିଜ ପଞ୍ଚୟତରେ ବ୍ୟାଙ୍କ ସୁବିଧାଠାରୁ ଆରମ୍ଭ କରି ଶିକ୍ଷା ବ୍ୟବସ୍ଥା ତଥା ସରକାରଙ୍କ ଜନକଲ୍ୟାଣ ଯୋଜନା ଘରେଘରେ ପହଞ୍ଚାଇଥାନ୍ତି। ଚଳିତ ବର୍ଷ ନିଜ ପଞ୍ଚୟତ ସଦର ମହକୁମା ଉଚ୍ଚ ବିଦ୍ୟାଳୟଠାରେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲିବା ନିଜ ଅଞ୍ଚଳର ଶିକ୍ଷାର ଉନ୍ନତି ପାଇଁ ସଦାସର୍ବଦା ପ୍ରଶଂସନୀୟ ଉଦ୍ୟମ ଜାରି ରଖି ଲୋକଲୋଚନକୁ ଆସିଥିଲେ। କିଛି ଦିନ ପୂର୍ବରୁ ଜିଲ୍ଲାରେ ପ୍ରଥମ ଥର ପାଇଁ ନିଜ ପଞ୍ଚାୟତରେ ନିଶା ମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆହ୍ୱାନ ଦେବା ସହ ପଞ୍ଚାୟତର ପ୍ରତି ୱାର୍ଡରେ ନିଶା ନିବାରଣ ପାଇଁ ପୋଷ୍ଟର ବ୍ୟାନର ଲଗେଇବା ସହିତ ନିଜେ ଏକ କମିଟି ଗଠନ କରି ଘରେଘରେ ପ୍ରଚାରପ୍ରସାର କରିଥିଲେ। ନିଜ ପଞ୍ଚାୟତକୁ ନିଶା ମୁକ୍ତ କରିବା ପାଇଁ ଏକ ନିୟମ ମଧ୍ୟ କରିଥିଲେ। ଯଦି କେହି ଦେଶୀ କିମ୍ବା ବିଦେଶୀ ମଦ ବିକ୍ରୟ କରିବେ ସେମାନଙ୍କୁ ପଞ୍ଚାୟତ ତରଫରୁ ଆର୍ଥିକ ଦଣ୍ଡରେ ଦଣ୍ଡିତ କରିବା ସହିତ ଯଦି ବ୍ୟକ୍ତି ମଦ ପିଇ ଘରେ କିମ୍ବା ବାହାରେ କୌଣସି ପ୍ରକାର ବିଶୃଙ୍ଖଳା କରନ୍ତି ତାହେଲେ ସେମାନଙ୍କୁ ମଧ୍ୟ ପଞ୍ଚାୟତ ତରଫରୁ ଦଣ୍ଡିତ କରାଯିବ ବୋଲି ନିୟମ କରି ଲୋକଲୋଚନକୁ ଆସିଥିଲେ। ନିଜ ପଞ୍ଚାୟତରେ ନିଶାମୁକ୍ତ ପରେ ପଞ୍ଚାୟତ ଜନସାଧାରଣଙ୍କ ଆର୍ଥିକ ଅଭିବୃଦ୍ଧି ହେବା ସହ ପାରିବାରିକ ଶାନ୍ତି ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦେଶର ୧୮ଟି ରାଜ୍ୟର ୧୫ଟି ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ସର୍ଭେ ପରେ ଶ୍ରୀ ଭୂମିଆଙ୍କୁ ଚୟନ କରାଯାଇଥିଲା। ଏହାପରେ ମିଶନ ସମୃଦ୍ଧି ସମିତି-୯ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସଂସ୍ଥାର ଅଧ୍ୟକ୍ଷ ମାନପତ୍ର ସହ ସମ୍ମାନିତ କରିଥିଲେ। ଏପରି ସମ୍ମାନ ପାଇବା ପରେ ସେ ଅନ୍ୟ ସରପଞ୍ଚଙ୍କ ପାଇଁ ଏକ ଉଦାହରଣ ସାଜିଛନ୍ତି ବୋଲି ବହୁ ବୁଦ୍ଧିଜୀବୀ କହିବା ସହିତ ତାଙ୍କୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।



# ଜାତୀୟ କୃମିନାଶକ ଦିବସ; ବିଦ୍ୟାଳୟରେ ପିଲାଙ୍କୁ ଔଷଧ ପ୍ରଦାନ


ନବରଙ୍ଗପୁର


ବୋରିଗୁମ୍ମା



ମାଲକାନଗିରି

**ନବରଙ୍ଗପୁର,୧୦।୨(ସମିସ)**

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଜାତୀୟ କୃମିନାଶକ ଦିବସ-୨୦୨୪ ନବରଙ୍ଗପୁର ଆରସିଡି ନୋଡାଲ ହାଇସ୍କୁଲରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର ଯୋଗଦେଇ ଜାତୀୟ କୃମିନାଶକ ଦିବସର ବିଶେଷତ୍ୱ ବିଷୟରେ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇବା ସହିତ କୃମି ଔଷଧ ସେବନ ଦ୍ୱାରା ପେଟର କୃମି ନାଶ ହୋଇଥାଏ। ପେଟରେ କୃମି ରହିବା ଫଳରେ ଧୀରେ ଧୀରେ ସ୍ୱାସ୍ଥ୍ୟ ଖରାପ ହୋଇଥାଏ। ତେଣୁ ସବୁବେଳେ ସ୍ୱାସ୍ଥ୍ୟର ଯତ୍ନ ନେବା ନିହାତି ଆବଶ୍ୟକ ରହିଛି ବୋଲି କହିଥିଲେ ଜିଲ୍ଲାପାଳ ଡ. ମିଶ୍ର। ଏହି ଅବସରରେ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରା, ଏଡିଏମଓ (ଏଫଡବ୍ଲୁ) ମଳୟ କୁମାର ତ୍ରିପାଠୀ, ଆରସିଡି ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ନାୟକ, ନବରଙ୍ଗପୁର ମୁଖ୍ୟ ଚିକିତ୍ସାଳୟ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, ଷ୍ଟାଟିଷ୍ଟିକାଲ କନସଲଟାଣ୍ଟ ମନୋହର ଭଣ୍ଡାରି, ଡିଏମ ଚିତ୍ତରଞ୍ଜନ ମିଶ୍ର, ଭିବିଡି କନସଲଟାଣ୍ଟ ଦିନେଶ ପ୍ରହରାଜ ପ୍ରମୁଖଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜିର ଦିନରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟ ବିଭାଗ ଅନୁଷ୍ଠାନରେ କୃମିନାଶକ ଔଷଧ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ଯେଉଁମାନେ ନିର୍ଦ୍ଧାରିତ ଦିନରେ କୃମି ଔଷଧ କାରଣ ବଶତଃ ନେଇ ନ ଥିବେ ସେମାନେ ଆସନ୍ତା ୧୭ ତାରିଖ ଦିନ ନେଇପାରିବେ ଏଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହି କୃମିନାଶକ ଅଭିଯାନ ମାଧ୍ୟମରେ ମୋଟ ୪ ଲକ୍ଷ ୩୧ ହଜାର ୭୨୮ ଜଣ ୧ରୁ ୧୯ ବର୍ଷ ମଧ୍ୟରେ ଥିବା ପିଲାମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯିବ ଏବଂ ଜିଲ୍ଲାର ୧୦ଟି ବ୍ଲକ୍ ୨ଟି ପୌରପାଳିକାରେ ୨୨୮୨ ଅଙ୍ଗନବାଡ଼ି କର୍ମୀ, ୨୦୪୪ ଆଶା କର୍ମୀ, ୫୬୯ ସ୍ୱାସ୍ଥ୍ୟ କର୍ମୀ ଏହି କାର୍ଯ୍ୟକ୍ରମରେ ନିୟୋଜିତ କରାଯାଇଛି। ଜିଲ୍ଲାର ୧୯୬୬ଟି ସରକାରୀ, ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କୃମିନାଶକ ଔଷଧ ବଣ୍ଟନ କରାଯିବ। ୧ ରୁ ୧୯ବର୍ଷର ପିଲାମାନେ ଏବଂ ୨୦ରୁ ୨୪ ବର୍ଷର ସମସ୍ତ ମହିଳା ଯେପରି କୃମିନାଶକ ଔଷଧ ସେବନରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ବିଶେଷ ଧ୍ୟାନ ଦେବା ସହିତ ଜିଲ୍ଲାରେ କୃମି ନାଶ ଅଭିଯାନ କାର୍ଯ୍ୟକ୍ରମର ସଫଳତା ନିମନ୍ତେ ଜନସଚେତନତା ସୃଷ୍ଟି ପାଇଁ ଆବଶ୍ୟକ ପ୍ରସାର କରାଯାଉଛି। ଏଥି ସହିତ ପ୍ରତି ବର୍ଷ ଫେବୃଆରୀ ଏବଂ ଅଗଷ୍ଟ ମାସରେ କୃମିନାଶକ ଦିବସ ପାଳନ ଅବସରରେ କୃମିନାଶକ ଔଷଧ ବଣ୍ଟନ କରାଯାଇଥାଏ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କାଳୀ ପ୍ରସାଦ ବେହେରା ସୂଚନା ଦେଇଛନ୍ତି।

**ବୋରିଗୁମ୍ମା:** ଫେବୃଆରୀ ୧୦ ତାରିଖକୁ କୃମିନାଶକ ଦିବସ ପାଳନ କରାଯାଏ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବୋରିଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ବୋରିଗୁମ୍ମା ବ୍ଲକରେ ସମସ୍ତ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ରରେ ୧ରୁ ୧୯ ବର୍ଷୀୟ ପିଲାଙ୍କୁ ଏବଂ ପ୍ରସୂତି ମହିଳାଙ୍କୁ କୃମିନାଶକ ବଟିକା ଖାଇବାକୁ ଦିଆଯାଇଛି। ପ୍ରଥମରୁ ପାଞ୍ଚ ବର୍ଷ ପିଲାଙ୍କୁ ବଟିକା ବଦଳରେ କୃମିନାଶକ ସିରପ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ସମସ୍ତ ମହିଳା ଏବଂ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ସ୍ୱାସ୍ଥ୍ୟ ପରିଦର୍ଶକମାନେ ଉପସ୍ଥିତ ରହି ପିଲାମାନଙ୍କୁ କୃମିନାଶକ ଔଷଧ ବଣ୍ଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରବୀଣ କୁମାର ଦାଶ, ବିପିଏମ୍ ସରୋଜ କୁମାର ମହାପାତ୍ର, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦମୟନ୍ତୀ ମୁଦୁଲି, ଶ୍ରୀନିବାସ ରାଓ, ଭାସ୍କର ଚନ୍ଦ୍ର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ।

**ମାଲକାନଗିରି :** ମାଲକାନଗିରି ଜିଲ୍ଲା ସଦର ମହକୁମା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ଜାତୀୟ କୃମି ନାଶକ ଦିବସ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିବାବେଳେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ କୃମି ବଟିକା ଖାଇବା ପାଇଁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ ମୁଖ୍ୟବକ୍ତା ଭାବେ ଅଂଶଗ୍ରହଣ କରିଥିଲ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ବ୍ରଜବନ୍ଧୁ ଦାସ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୁଜବଳ, ସହକାରୀ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମମତା ଚୌଧୁରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ଧାରା, ରାଜ୍ୟ ୟୁନିସେଫ୍ ପରାମର୍ଶଦାତା ସତେଶ୍ୱର ନାୟକ, ଅଶ୍ୱିନ କୁମାର ଖୋସଲା, ସଚିନଦେବ ଗୌଡ଼, ଆଶା ମ୍ୟାନେଜର ପ୍ରମୁଖ ଉପସ୍ଥିତ ଥିଲ। କାର୍ଯ୍ୟକ୍ରମରେ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ର, ବିଦ୍ୟାଳୟ ଓ ଗ୍ରାମ୍ୟ ସ୍ୱାସ୍ଥ୍ୟ ପରିମଳ, ପୁଷ୍ଟିକର ଦିବସଠାରେ ୧ ବର୍ଷରୁ ୧୯ ବର୍ଷର ବାଳକବାଳିକାଙ୍କୁ କୃମିନାଶକ ବଟିକା ବଣ୍ଟନ କରିବା ସହ ସମସ୍ତଙ୍କୁ ଖୁଆଯାଇଥିଲା। ସେହିପରି ୨୦ରୁ ୨୪ ବର୍ଷ ମହିଳାମାନଙ୍କୁ ମଧ୍ୟ କୃମିନାଶକ ବଟିକା ଖୁଆଯିବ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଆଜି ଯେଉଁ ବାଳକବାଳିକାମାନେ ଏହି ବଟିକା ଖାଇବାରୁ ବଞ୍ଚିତ ହୋଇଛନ୍ତି ଏବଂ ଯେଉଁମାନେ ବିଦ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ସେମାନଙ୍କୁ ଆସନ୍ତା ୧୭ ତାରିଖରେ ବଟିକା ଖୁଆଯିବାର ବ୍ୟବସ୍ଥା କରାଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ଶତପ୍ରତିଶତ ପିଲାଙ୍କୁ କୃମିନାଶକ ସିରପ୍, ବଟିକା ଖୁଆଇବା ନିମନ୍ତେ ବ୍ୟବସ୍ଥା କରାଯାଇଛି। ଏହି ସଭାରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧିକାରୀ ବ୍ରଜବନ୍ଧୁ ଦାସ, ବିସ୍ତୃତ ଭାବେ କାର୍ଯ୍ୟକ୍ରମ ସଫଳତା ପାଇଁ ବୁଝାଇଥିଲ। ଜିଲ୍ଲା ଶିକ୍ଷା ବିଭାଗ ଅଧିକାରୀ ଜନକଲ୍ୟାଣ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ପୁରୀ ପରିକ୍ରମା ପ୍ରକଳ୍ପ ବୁଲିଲେ ନନ୍ଦପୁରର ୪୪୫ ଶ୍ରଦ୍ଧାଳୁ

**ନନ୍ଦପୁର, ୧୦।୨(ସମିସ):** ଶୁକ୍ରବାର କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ୪୪୫ ଜଣ ଶ୍ରଦ୍ଧାଳୁ ପୁରୀ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ପରିକ୍ରମା ପ୍ରକଳ୍ପ ବୁଲିଛନ୍ତି। ନନ୍ଦପୁର ବ୍ଲକର ୨୩ଟି ଗ୍ରାମ ପଞ୍ଚାୟତର ମୋଟ ୪୪୫ ଜଣ ଶ୍ରଦ୍ଧାଳୁ ୧୨ଟି ବସ୍ ଯୋଗେ ନନ୍ଦପୁର ଯାତ୍ରା ଆରମ୍ଭ କରି ଶ୍ରଦ୍ଧାଳୁ ସଙ୍ଗମ ପାର୍କିରେ ପହଞ୍ଚି ଥିଲେ। ସେଠାରୁ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଦିବ୍ୟ ଦର୍ଶନ ପରେ ମହାଆନନ୍ଦ ପ୍ରାପ୍ତି ହୋଇଛି ବୋଲି କହିଛନ୍ତି ଶ୍ରଦ୍ଧାଳୁ। ପରେ ପରିକ୍ରମା ପ୍ରକଳ୍ପ ମାର୍ଗରେ ପ୍ରଦକ୍ଷଣ କରି ଦିବ୍ୟ ଅନୁଭୂତି ସାଉଁଟିଥିଲେ ଶ୍ରଦ୍ଧାଳୁ। ଦିଅଁ ଦର୍ଶନ ସାଙ୍ଗକୁ ସଫଳ ଯାତ୍ରା ନେଇ ଫେରିଥିବା ୪୪୫ ଜଣ ଶ୍ରଦ୍ଧାଳୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ବିଡିଓ ଦୁର୍ଗା ପ୍ରସାଦ ଦୋରା। ବ୍ଲକର ମୋଟ ୪୪୫ ଜଣ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଏହି ଯାତ୍ରାରେ ବାହାରିଥିବାବେଳେ ତାଙ୍କ ଦେଖରେଖ ନିମନ୍ତେ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ, ସହ ପିଇଓ ଡମ୍ବରୁ ପାଙ୍ଗି, କୋମଳ ରାଓ ସ୍ମିଥ, ଗୌରାଙ୍ଗ ଦିଶାରି, ସୁବାସ ଚନ୍ଦ୍ର ପଣ୍ଡା, ଜୟରାମ ଜାର୍ସି, ଭାସ୍କର ଚନ୍ଦ୍ର ଗାରଡ଼ା, ସୀମାଦ୍ରି କ୍ରିର୍ସାନି, ଅଭିମନ୍ୟୁ ପ୍ରଧାନ, ଲକ୍ଷ୍ମୀ ନାରାୟଣ ନାୟକ, ଗୋପୀନାଥ ପାଙ୍ଗି, ଆଦିତ୍ୟ ଚପାଡି ପ୍ରମୁଖ ତୀର୍ଥ ଯାତ୍ରୀମାନଙ୍କ ସହ ରହିଥିବାବେଳେ ନୋଡାଲ ଅଫିସର ଭାବେ ନନ୍ଦପୁର ବ୍ଲକ୍ ଓଡ଼ିଶା ଜୀବିକା ମିଶନ ବିଏଲସି ବିକ୍ରମ କେଶରୀ ବାରିକଙ୍କୁ ଦାୟିତ୍ୱ ଦିଆଯାଇଥିଲା।

## ଅନୁସୂଚିତ ଜନଜାତି ଶିଶୁଙ୍କ ଶିକ୍ଷାକୁ ନେଇ କର୍ମଶାଳା

**ଜୟପୁର,୧୦।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟଠାରେ ଅନୁସୂଚିତ ଜନଜାତିର ଶିଶୁମାନଙ୍କ ଶିକ୍ଷାକୁ ନେଇ ଜାତୀୟସ୍ତରୀୟ ଦୁଇଦିନିଆ କର୍ମଶାଳା ଶନିବାର ବିଶ୍ୱବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ପୂର୍ବାହ୍ଣରେ ଅନୁଷ୍ଠିତ ଏହି କର୍ମଶାଳା ପ୍ରାରମ୍ଭରେ ଆବାହକ ପ୍ରାଧ୍ୟାପକ ଡ. କେସି ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷା ବିଭାଗର ମୁଖ୍ୟ ଡ. ମନୋରଞ୍ଜନ ପ୍ରଧାନ ଏହି ଜାତୀୟସ୍ତରୀୟ କର୍ମଶାଳା ବିଷୟରେ ସୂଚନା ଏବଂ ଆୟୋଜନ ସମ୍ବନ୍ଧରେ କହିଥିଲେ। ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ତଥା ଓଏସଡି ପ୍ରଫେସର ଡ. ଦେବୀ ପ୍ରସାଦ ମିଶ୍ର ଉଦଘାଟନ କରିଥିଲେ। ଭୁବନେଶ୍ୱର ଏନସିଇଆରଟିର ଆଞ୍ଚଳିକ ସମନ୍ୱୟ ଶିକ୍ଷା ବିଭାଗର ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ ଏବଂ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ରଞ୍ଜନ କୁମାର ପ୍ରଧାନଙ୍କ ଉପସ୍ଥିତିରେ ଏକ ପୁସ୍ତକର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭିଡିଓ ମାଧ୍ୟମରେ ଅନୁସୂଚିତ ଜନଜାତିଙ୍କ ଶିକ୍ଷା ବ୍ୟବସ୍ଥା ଉପରେ ପ୍ରସ୍ତୁତ ଏକ ଭିଡିଓ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। ଏହାପରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ପ୍ରଫେସର ଲୋକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁସୂଚିତ ଜନଜାତି ଶିଶୁମାନଙ୍କ




ବିଭିନ୍ନ ବିଷୟକୁ ନେଇ ଅନୁଷ୍ଠିତ ଏହି କର୍ମଶାଳାରେ ପ୍ରଥମ ପର୍ଯ୍ୟାୟରେ ଅନୁସୂଚିତ ଜନଜାତି ଶିଶୁମାନଙ୍କ ଶିକ୍ଷା ପାଇଁ ସାମ୍ବିଧାନିକ ବ୍ୟବସ୍ଥାରେ ରହିଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମକୁ ନେଇ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସମ୍ବଲପୁର ପିଏମ୍‌ଆଇଏଏସଇର ପ୍ରଫେସର ଦିବାକର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ଅମୂଲ୍ୟ ଆଚାର୍ଯ୍ୟ ଯୋଗଦେଇଥିଲେ। ମଧ୍ୟାହ୍ନରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଚକ୍ରରେ ଅନୁସୂଚିତ ଜନଜାତି ଶିଶୁମାନଙ୍କ ଶିକ୍ଷା ପାଇଁ ସମସ୍ୟା ଓ ଆହ୍ୱାନ ବିଷୟରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏନସିଇଆରଟି ଆଞ୍ଚଳିକ ଶାଖାର ପ୍ରଫେସର ନିତ୍ୟାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଭାରତ ପଣ୍ଡା ଯୋଗଦେଇଥିଲେ। ଅପରାହ୍ଣରେ ତୃତୀୟ ପର୍ଯ୍ୟାୟ ବୈଠକରେ ଅନୁସୂଚିତ ଜନଜାତି ଶିଶୁମାନଙ୍କ ଶିକ୍ଷାକୁ ନେଇ ଅନୁଷ୍ଠିତ ହୋଇଥିବା ଗବେଷଣା ଶିକ୍ଷଣ ଉପରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କୋରାପୁଟ ଡିଏଭି ମହାବିଦ୍ୟାଳୟର ପ୍ରଫେସର ଦେବେନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟବକ୍ତା ଭାବେ କୋରାପୁଟ ଇଗ୍ନୋର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ଲତିକା ମିଶ୍ର ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରିୟଦର୍ଶିନୀ ମାଝି, ଦେବରଞ୍ଜନ ରାୟ ସହଯୋଗ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡ. ଲତିକା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶିକ୍ଷା ବିଭାଗ ଛାତ୍ରଛାତ୍ରୀଙ୍କ ସହିତ ପ୍ରଫେସର ଶ୍ରୀ ପ୍ରଧାନ, ପ୍ରଫେସର ଶ୍ରୀ ଷଡ଼ଙ୍ଗୀ ଏବଂ ପ୍ରଫେସର ଶ୍ରୀ ପଣ୍ଡା ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ କାନ୍ଥ ପଟ୍ଟଚିତ୍ର ଏବଂ ଅନ୍ୟାନ୍ୟ ବିଷୟକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଆସନ୍ତା ରବିବାର ଏହି ଦୁଇ ଦିନିଆ କର୍ମଶାଳାର ଉଦଯାପନୀ ଉତ୍ସବ ଆୟୋଜିତ ହେବ।

## ସବୁଜ ଓଡ଼ିଶା ଗଠନ ପାଇଁ ଝୋଟ ବ୍ୟାଗ୍ ବଣ୍ଟନ

**ମାଥିଲି,୧୦।୨(ସମିସ):** ସବୁଜ ଓଡ଼ିଶା ଗଠନ ପାଇଁ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବାକୁ ରାଜ୍ୟ ସରକାର ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି। ପ୍ରତି ଗ୍ରାମଗୁଡ଼ିକ କିଭଳି ପ୍ଲାଷ୍ଟିକ ମୁକ୍ତ ହେବ ଏବଂ ପ୍ରଦୂଷଣ ମୁକ୍ତ ଓଡ଼ିଶା ଗଠନ ଉଦ୍ଦେଶ୍ୟ ନେଇ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ପ୍ରତ୍ୟେକ ପରିବାରକୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କରାଯାଉଛି। ଏହି ଅବସରରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ସଦର ପଞ୍ଚାୟତ କାର୍ଯ୍ୟାଳୟଠାରେ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କୁ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମହେଶ କୁମାର ବାକା ଯୋଗଦେଇ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଦୁଇଟି ଲେଖାଏଁ ଝୋଟ ବ୍ୟାଗ ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବରେ ସଦର ସରପଞ୍ଚ କାନାମ ରାଜୁ ନାୟକ, ମାଥିଲି ଜିଲ୍ଲା ପରିଷଦ ଜୋନ-୨ ର ସଭ୍ୟ ହୀରଣ୍ୟ ମୁଦୁଲି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ମହାରଣା, ବ୍ଲକ ଯୋଗାଣ ଅଧିକାରୀ ହୃଷିକେଶ ନାୟକ ଉପସ୍ଥିତ ଥିଲେ।

## ନନ୍ଦପୁର ଏସ୍‌ଡିପିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ନନ୍ଦପୁର,୧୦।୨(ସମିସ):** ନନ୍ଦପୁର ଏସଡିପିଓ ସଞ୍ଜୟ କୁମାର ମହାପାତ୍ରଙ୍କ ଗଞ୍ଜାମ ଜିଲ୍ଲା ଆସିକା ଏସଡିପିଓ ଭାବେ ବଦଳି ହୋଇଥିବାବେଳେ ଶନିବାର ତାଙ୍କୁ ନନ୍ଦପୁରବାସୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ନନ୍ଦପୁର ବ୍ଲକ୍ ପ୍ରଶାସନ, ତହସିଲ, ପାଡୁଆ ବୈଶାଖୀ ପରିବାର, ନନ୍ଦପୁର ପ୍ରେସ୍ କ୍ଲବ୍ ସମେତ ଦଳଗତ ନିର୍ବିଶେଷରେ ନନ୍ଦପୁରର ୧୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସ୍ଥାନୀୟ ସୀମାଦ୍ରି କଲ୍ୟାଣ ମଣ୍ଡପରେ ଏକତ୍ରିତ ହୋଇ ଏସଡିପିଓ ଶ୍ରୀ ମହାପାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଥମ ଥର ପାଇଁ ନନ୍ଦପୁରରେ ଏଭଳି ଜଣେ ପୁଲିସ ବିଭାଗର ଅଧିକାରୀଙ୍କ ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା କୁହାଯାଇଛି। ଏହି ଅବସରରେ ଏସଡିପିଓ ଶ୍ରୀ ମହାପାତ୍ର ନନ୍ଦପୁରରେ ତିନି ବର୍ଷ ଧରି ବିତାଇଥିବା କାର୍ଯ୍ୟକାଳ ସମୟର ସ୍ମୃତିଚାରଣ କରି ତିନିବର୍ଷ ନନ୍ଦପୁରରେ କାର୍ଯ୍ୟ କରିବା ଏକ



ଚ୍ୟାଲେଞ୍ଜ ଥିଲା ବୋଲି କହିଥିଲେ। ମାଓ ଅଞ୍ଚଳ ସାଙ୍ଗକୁ ଗଞ୍ଜେଇ ଚାଲାଣ ଉପରେ ରୋକ୍ ଲଗାଇବାରେ ଉପଖଣ୍ଡ ଅଞ୍ଚଳବାସୀଙ୍କ ସହଯୋଗ ଓ ନନ୍ଦପୁରବାସୀଙ୍କ ଆତ୍ମୀୟତା ପ୍ରେରଣା ଓ ଉତ୍ସାହ ଯୋଗାଇଆସିଥିବା ସେ କହିଥିଲେ। ଏଥିସହ ଓଡ଼ିଶାର ଯେଉଁ କୋଣରେ ରହିଲେ ମଧ୍ୟ ନନ୍ଦପୁରବାସୀ ମୋ ହୃଦୟରେ ରହିବେ ବୋଲି ସେ ଭାବବିହ୍ୱଳ ହୋଇ କହିଥିଲେ। ଏହି ସଭାରେ ନନ୍ଦପୁର ବିଡିଓ ଦୁର୍ଗାପ୍ରସାଦ ଦୋରା, ତହସିଲଦାର ଅନାଦୀ ଚରଣ ସାହୁ, ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଧ୍ରୁବ ରାଜ ମୁର୍ମୁ, ନନ୍ଦପୁର ସରକାରୀ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜୁଲତା ଗରଡ଼ା, ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସାଂସଦ ପ୍ରତିନିଧି ଗୋପାଳ ମାଟାମ, ବ୍ଲକ୍ ବିଜେଡି ସଭାପତି କାଶୀନାଥ ଗୋଲରୀ, ନନ୍ଦପୁର ଆଇଆଇସି ଆଶ୍ରିତା ଖାଲକୋ, ଜିପିଓ ବେଦାନ୍ତ କୁମାର ମାଝୀ, କବି ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ଯୋଗଦେଇ ଏସଡିପିଓ ଶ୍ରୀ ମହାପାତ୍ରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ମାଛକୁଣ୍ଡ ଆଇଆଇସି ଡମ୍ବରୁଧର ଭର୍ତ୍ତିଆଙ୍କୁ ମଧ୍ୟ ମଞ୍ଚ ଉପରେ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୁବ ନେତା ମୁନା ଦଳପତି ପ୍ରଭାତ ଗୁରୁ ମାଇ, ସେକ୍ ନୁର, ସ୍ୱାସ୍ଥ୍ୟ ପ୍ରତିନିଧି ସୁନିଲ କୁମାର ସାହୁ, ଯୁବନେତା ସୁନିଲ କୁମାର ପଣ୍ଡା, କେଶବ ଚୌଧୁରୀ, ଏନ୍ ପ୍ରସାଦ ଦାସ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ବିକାଶ ଚୌଧୁରୀ, କାହ୍ନୁଚରଣ ସେଠୀ, ରବୀନ୍ଦ୍ର ମାରାଣ୍ଡି, ଶିକ୍ଷକ ଟୁନେସ କୁମାର ପାତ୍ର, ଶତ୍ରୁଘ୍ନ ହିକାବାଡି, ନାଟ୍ୟକାର ନାରାୟଣ ମହାପାତ୍ର, ଲିଙ୍ଗରାଜ ଚୌଧୁରୀ, ଲୋକନାଥ ଚୌଧୁରୀ, ସଞ୍ଜୟ ଦିଆରି, ରବୀନ୍ଦ୍ର କୁମାରଙ୍କ ସମେତ ଅଞ୍ଚଳର ବହୁ ଯୁବ ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ତ୍ରିନାଥ ଖରା ସଭାପତିତ୍ୱ କରି ସଭା ପରିଚାଳନା କରିଥିବାବେଳେ ସାମ୍ବାଦିକ ସୁରଜିତ ବିଶ୍ୱାଳ, ଦୁର୍ଗା ପ୍ରସାଦ ପାଢ଼ି, ଅଶୋକ କୁମାର ଅଧିକାରୀ, ହରେସ ଖିଲ, ଅବଦୁଲ ରସିଦ ଖାନ ସହଯୋଗ କରିଥିବାବେଳେ ସାମ୍ବାଦିକ ତୁଷାର କାନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସାମୂହିକ ଫାଇଲେରିଆ ଔଷଧ ସେବନ ଓ ଜାତୀୟ କୃମିନାଶକ ଦିବସ

**କୋଲନରା,୧୦।୨(ସମିସ)**



ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଭାକୁରଗୁଡ଼ାସ୍ଥିତ ଆଶ୍ରମ ବିଦ୍ୟାଳୟରେ ଜାତୀୟ କୃମିନାଶକ ଦିବସ ଏବଂ ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଲାଲମୋହନ ରାଉତରାୟ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭିଏଲ୍‌ଏନ ରାଜୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ) ଡା. ମମତା ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରାଜେଶ୍ୱର ରାଓ ପଟ୍ଟନାୟକ, ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ବି ସନ୍ତୋଷ କୁମାର ଏବଂ ରୋଟାରୀ କ୍ଲବର ଅଧ୍ୟକ୍ଷ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଔଷଧ ଖୁଆଇବା ସହିତ, ନିଜେ ଔଷଧ ସେବନ କରି ଜିଲ୍ଲାର ସମସ୍ତ ହିତାଧିକାରୀମାନଙ୍କୁ ଏହି ଔଷଧ ଖାଇବାପାଇଁ ଅନୁରୋଧ କରିଥିଲେ। ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଏହି ଔଷଧ ଖାଇବା ଦ୍ୱାରା ଆମ ଜିଲ୍ଲାକୁ ରକ୍ତହୀନତା ଓ ଫାଇଲେରିଆ ଭଳି ରୋଗରୁ ରକ୍ଷା କରିପାରିବା ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସାମୂହିକ ଔଷଧ ସେବନ ଅଭିଯାନ ସମୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟକ ପରିବାରର ସମସ୍ତ ସଦସ୍ୟଙ୍କୁ ଆଶା, ଅଙ୍ଗନବାଡ଼ି କର୍ମୀ ଓ ସ୍କୁଲ ଶିକ୍ଷକମାନେ ଆଲବେଣ୍ଡାଜୋଲ (କୃମିନାଶକ), ଆଇଭରମେକ୍ଟିନ ଓ ଡିଇସି ବଟିକା ବା ଔଷଧ ଖୁଆଇବେ। ଏହି ଅଭିଯାନ ଆଜିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ମୁନିଗୁଡ଼ା, ଜଗନ୍ନାଥପୁର, ବିଷମକଟକ, ପଦ୍ମପୁର ଓ ଜେମାଦେଇପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସମସ୍ତ ଗ୍ରାମ ଓ ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳର ସମସ୍ତ ୱାର୍ଡରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଜାତୀୟ ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ମାଧ୍ୟମରେ ଔଷଧ ବିତରକମାନେ ଘରଘର ବୁଲି ବୟସ ଅନୁପାତରେ ଆଇଭରମେକ୍ଟିନ୍, ଡିଇସି ଓ ଆଲବେଣ୍ଡାଜୋଲ ବଟିକା ଖାଇବାକୁ ଦେବେ। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ, ଜିଲ୍ଲାରେ ୨୧୪୮ ଔଷଧ ବିତରକ ନିୟୋଜିତ ହୋଇ ମୋଟ ୫୦୪୭୫୪ ଜଣ ହିତାଧିକାରୀଙ୍କୁ ନିଜ ତତ୍ତ୍ୱାବଧାନରେ ବଟିକା ଖୁଆଇବେ। ହିତାଧିକାରୀମାନେ ଏହି ଔଷଧକୁ ଖାଦ୍ୟ ଖାଇବା ପରେ ଔଷଧ ବିତରକମାନଙ୍କ ସମ୍ମୁଖରେ ସେବନ କରିବା ଆବଶ୍ୟକ। ପ୍ରଥମେ ଆଇଭରମେକ୍ଟିନ୍, ଡିଇସି ବଟିକା ଖାଇବା ପରେ ଆଲବେଣ୍ଡାଜୋଲ ବଟିକା ଚୋବେଇ ଚୋବେଇ ଖାଇବାକୁ ଦିଆଯାଇଥାଏ। ଏହି ଔଷଧ ସେବନ କରିବା ଦ୍ୱାରା ହିତାଧିକାରୀମାନେ ଗୋଦର ଗୋଡ଼ ଓ ହାଇଡ୍ରୋସିଲ ଭଳି ରୋଗ ତଥା ରକ୍ତହୀନତାରୁ ନିଜକୁ ରକ୍ଷା କରିପାରିବେ। ସେହିପରି ଭାବେ ଜାତୀୟ କୃମି ନାଶକ ଦିବସ କାର୍ଯ୍ୟକ୍ରମ ଅଧୀନରେ ୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ଓ କିଶୋର କିଶୋରୀ ତଥା ୨୦ରୁ ୨୪ ବର୍ଷ ବୟସର ପ୍ରଜନନକ୍ଷମ ମହିଳାଙ୍କୁ କୃମି ସଂକ୍ରମଣର ମୁକ୍ତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଦିବସ ଧାର୍ଯ୍ୟ କରାଯାଇ ଔଷଧ ଦିଆଯାଇଥାଏ। ପ୍ରତିବର୍ଷ ଫେବୃଆରୀ ଏବଂ ଅଗଷ୍ଟ ମାସରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ଦିନ ସରକାରୀ, ବେସରକାରୀ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରରେ ଜାତୀୟ କୃମିନାଶକ ଦିବସର ଏକ କାର୍ଯ୍ୟକ୍ରମ କରାଯାଇ ସମସ୍ତ ପିଲାମାନଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଥାଏ। ଅନୁପସ୍ଥିତ କିମ୍ବା ଅସୁସ୍ଥତା ହେତୁ ଯଦି ଏହି ଦିବସରେ କୌଣସି ଶିଶୁ କୃମିନାଶକ ଔଷଧ ନେବାରୁ ବର୍ତ୍ତିଯାଇଥିଲେ। ମପ-ଅପ ଦିବସରରେ କୃମିନାଶକ ଔଷଧ ପ୍ରଦାନ କରାଯାଏ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୨୯୭୭୮୫ ଜଣ ହିତାଧିକାରୀଙ୍କୁ ଔଷଧ ପ୍ରଦାନ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ିଭିତ୍ତିକ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ନିରାପଦ, ବ୍ୟୟବହୁଳ ଏବଂ ଏହା ଦ୍ୱାରା ଏହି ସେବା ପ୍ରତି ପିଲାଙ୍କ ନିକଟରେ ପହଞ୍ଚିପାରେ। ଏହି କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟରେ ଅନୁପସ୍ଥିତି ହ୍ରାସ ହେବ। ପିଲାମାନଙ୍କୁ କୃମି ସଂକ୍ରମଣରୁ ରକ୍ଷା କରିବା ପାଇଁ ଆଲବେଣ୍ଡାଜୋଲ ବଟିକା ବେଶ ଲାଭଦାୟକ ହେଉଛି ଏବଂ ଏହା ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ବେଶ୍ ପ୍ରଭାବଶାଳୀ। ଜାତୀୟ କୃମିନାଶକ ଦିବସ ପ୍ରସ୍ତୁତି ପାଇଁ ଶିକ୍ଷକ ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ସେମାନଙ୍କର ଦାୟିତ୍ୱ ଏବଂ ବଟିକା ଖାଇବାର ପଦ୍ଧତି ତଥା ଏହି କାର୍ଯ୍ୟକ୍ରମର ଉତ୍ତମ ପରିଚାଳନା ପାଇଁ ତାଲିମ ଏବଂ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଥାଏ। ଏହି ସ୍ୱାସ୍ଥ୍ୟ ସେବା ନିମନ୍ତେ ଧାର୍ଯ୍ୟ କରାଯାଇଥିବା ଏକ ନିର୍ଦ୍ଦିଷ୍ଟ ଦିବସରେ ପିଲାମାନଙ୍କୁ କୃମିନାଶକ ବଟିକା ଦେବା ପାଇଁ ମଧ୍ୟ କୁହାଯାଇଥାଏ।



**ରାୟଗଡ଼ା:** ରାୟଗଡ଼ା ସହରସ୍ଥିତ ଜେକେ କାଗଜକଳ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟ କର୍ମକର୍ତ୍ତାମାନଙ୍କ ମିଳିତ ଉଦ୍ୟମରେ ଫାଇଲେରିଆ ନିରାକରଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଫେବୃଆରୀ ୧୦ତାରିଖରୁ ଆରମ୍ଭ କରି ଆଗାମୀ ୧୯ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ। ଏହି ଜନଜାଗରଣ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଜେକେ କାଗଜକଳର ସାମାଜିକ ଦାୟିତ୍ୱବୋଧ ଅଧିକାରୀ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଫାଇଲେରିଆ ରୋଗ ଚିକିତ୍ସା ଓ ଆଗାମୀ ଦିନରେ ଏହାକୁ କେବଳ ସତର୍କତା ଦ୍ୱାରା କିପରି ରୋକାଯାଇ ପାରିବ ଏହା ଉପରେ ଜନଜାଗରଣ ସୃଷ୍ଟି କରିଥିଲେ। ଆଖପାଖ ଅଞ୍ଚଳର ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି କର୍ମକର୍ତ୍ତାଙ୍କ ଦ୍ୱାରା ଆଶା ରଖାଯାଇଛି। ଜେକେ କାଗଜକଳର କର୍ମକର୍ତ୍ତାଙ୍କ ଦ୍ୱାରା କରାଯାଇଥିବା ଏବଂ ସରକାରଙ୍କ ବିନା ଶୁଳ୍କରେ ଔଷଧ ବିତରଣ କରାଯାଇଛି। ଫାଇଲେରିଆ ରୋଗର ମୂଳୋତ୍ପାଟନ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଯାହା ବିଭିନ୍ନ ମହଲରୁ ଅନେକ ଶୁଭେଚ୍ଛା ଓ ପ୍ରଶଂସା ସାଉଁଟିଛି। ଏହି ଅବସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଡ. ସୁନୀଲ ମହାପାତ୍ର, ଆକାଂକ୍ଷୀ ବେନିଆ ଓ ଅନ୍ୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

# ସଦର ମହକୁମାରେ କୁକୁରଙ୍କ ପ୍ରାଦୁର୍ଭାବ; ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ଲୋକେ



**ମାଲକାନଗିରି,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମାରେ ଦିନକୁ ଦିନ କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛିଦିନ ହେଲା ସଦର ମହକୁମାର ପ୍ରତି ସାହିରେ, ଗଳିକନ୍ଦିରେ, ମୁଖ୍ୟରାସ୍ତାରେ କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। କେବଳ ଏତିକି ନୁହେଁ ରାସ୍ତା କିମ୍ବା ସାହି ଓ ଗଳିକନ୍ଦିର ଜନସାଧାରଣ ଯାତାୟାତ କରୁଥିବା ସମୟରେ କୁକୁରମାନେ ସେମାନଙ୍କୁ ଗୋଡ଼ାଉଛନ୍ତି। ଗାଡ଼ିରେ ଯାଉଥିବା ଲୋକ କୁକୁରଙ୍କ ଭୟରେ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଛି। ଶନିବାର ସକାଳେ ମାଲକାନଗିରି ସଦର ମହକୁମାର ଦିଲ୍ଲୀପ କୁମାର ପଟ୍ଟନାୟକ ନାମକ ଜଣେ ସାମ୍ବାଦିକ ମୁଖ୍ୟ ରାସ୍ତାରେ ନିଜ ଗାଡ଼ିରେ ଆସୁଥିବା ସମୟରେ କୁକୁରମାନେ ତାଙ୍କୁ ଆକ୍ରମଣ କରିବା ଫଳରେ ରାସ୍ତା ଉପରେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି। ଫଳରେ ତାଙ୍କ ମୁହଁ, ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। କେବଳ ଏତିକି ନୁହେଁ ବିଗତ ଦିନମାନଙ୍କରେ ମଧ୍ୟ ଅନେକ ବ୍ୟକ୍ତି ମଧ୍ୟ ଏହି କୁକୁରମାନଙ୍କ ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। ଏ ସମ୍ବନ୍ଧରେ ଜିଲ୍ଲା ପ୍ରଶାସନ, ପୌର ପରିଷଦ କୌଣସି ପଦକ୍ଷେପ ନେଉ ନ ଥିବାରୁ କୁକୁରମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ଜନସାଧାରଣ ମଧ୍ୟ ଆକ୍ରମଣର ଶିକାର ହେଉଥିବା ଦେଖିବାକୁ ମିଳିଛି। କେବଳ ଯେ କୁକୁର ପ୍ରାଦୁର୍ଭାବ ବଢ଼ିଛି ତାହା ନୁହେଁ; ରାଜପଥରେ ଗାଈଗୋରୁଙ୍କ ମଧ୍ୟ ସଂଖ୍ୟା ବଢୁଥିବାରୁ ଅନେକ ଦୁର୍ଘଟଣା ଘଟୁଥିବାବେଳେ ତୁରନ୍ତ ମାଲକାନଗିରି ପୌର ପରିଷଦ ତରଫରୁ ଏଥିପ୍ରତି ବିଶେଷ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଜଳିଗଲା ତେଜରାତି ଦୋକାନ

**ମାଲକାନଗିରି,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ଦୁର୍ଗାଗୁଡି ସାହିରେ ଶନିବାର ଭୋର୍ ୩ଟା ସମୟରେ ଅଗ୍ନିକାଣ୍ଡ ଘଟି ଏକ ଦୋକାନ ପୋଡ଼ି ଧ୍ୱଂସ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୋର ସମୟରେ ମାଲକାନଗିରି ସଦର ମହକୁମା ଦୁର୍ଗାଗୁଡି ସାହିରେ ବସବାସ କରୁଥିବା ଜଗଦିଶ ପଣ୍ଡା ନାମକ ବ୍ୟକ୍ତିଙ୍କ ସଉଦା ଦୋକାନରେ ହଠାତ୍ ନିଆଁ ଲାଗିଯାଇଥିଲା। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏହି ଅଗ୍ନିକାଣ୍ଡରେ ଦୋକାନରେ ଥିବା ସମସ୍ତ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଶ୍ରୀ ପଣ୍ଡା ଏହି ଦୋକାନ ଚଳାଇ ନିଜର ପରିବାର ପ୍ରତିପୋଷଣ କରି ଆସୁଥିବାବେଳେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବାରୁ ଶ୍ରୀ ପଣ୍ଡା ବର୍ତ୍ତମାନ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଅନ୍ୟ ପକ୍ଷରେ ଏହି ନିଆଁ କିପରି ଲାଗିଲା ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ଦମକଳ ବାହିନୀ ତରଫରୁ ଏହାର ତଦନ୍ତ କରିବା ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ସୂଚନା ମିଳିଛି। ତେବେ ତୁରନ୍ତ ତାଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ପ୍ରଶାସନକୁ ଅନୁରୋଧ କରିଛନ୍ତି।

# ଖେଲୋ ଇଣ୍ଡିଆ କେନ୍ଦ୍ର ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ପତ୍ର ଲେଖିଲେ ସାଂସଦ

**ମାଲକାନଗିରି,୧୦।୨(ସମିସ):** ମାଲକାନଗିରି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋଲିବାକୁ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝି ଏକ ବଡ଼ ପ୍ରୟାସ କରିଛନ୍ତି। ଗତ ୯ ତାରିଖରେ ସାଂସଦ ଶ୍ରୀ ମାଝି କେନ୍ଦ୍ର ସରକାରଙ୍କ ଖେଳ ଏବଂ ଯୁବ ସେବା ମନ୍ତ୍ରୀ ଅନୁରାଗ ଠାକୁରଙ୍କୁ ସାକ୍ଷାତ୍ କରିବା ସହ ନବରଙ୍ଗପୁର ଏବଂ



ମାଲକାନଗିରି ଜିଲ୍ଲାର ଯୁବ ଖେଳାଳିଙ୍କ ସମ୍ପର୍କରେ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାରେ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋଲିବା ପାଇଁ ଏକ ଅନୁରୋଧ ପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ମୁଖ୍ୟାଳୟରେ ଗୋଟିଏ ଲେଖାଏଁ ଖେଲୋ ଇଣ୍ଡିଆ କେନ୍ଦ୍ର ଖୋଲିଲେ ଦୁଇ ଜିଲ୍ଲାବାସୀ ଉପକୃତ ହେବା ସହ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ଅନେକ ଯୁବପିଢ଼ି ରାଜ୍ୟ, ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ଭାରତର ସୁନାମ ଆଣିବାରେ ସକ୍ଷମ ହେବେ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଠାକୁରଙ୍କୁ ଅବଗତ କରାଇଥିଲେ। ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ ଅନେକ ସମ୍ଭାବନା ରହିଛି। ତାଙ୍କର ପ୍ରତିଭାକୁ ଏକ ନୂତନ ଦିଗ ନିର୍ଦ୍ଦେଶ ମିଳିପାରିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ନିଶ୍ଚିତ ଭାବରେ ନବରଙ୍ଗପୁର ସାଂସଦ ଶ୍ରୀ ମାଝୀଙ୍କ ଏଭଳି ପ୍ରୟାସକୁ ମାଲକାନଗିରି ଜିଲ୍ଲାବାସୀ ପ୍ରଶଂସା କରିବା ସହ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ବାଘଡଙ୍ଗରି ଗାଧୁଆ ତୁଠ ନିର୍ମାଣ ଘଟଣା

# ଖବର ପ୍ରସାରଣ ପରେ ବିଡିଓଙ୍କ ତଦନ୍ତ

**ମୁନିଗୁଡ଼ା,୧୦।୨(ସମିସ)**



ବାଘଡଙ୍ଗରି ଓ ଇନ୍ଦିରାପଡ଼ା ଗାଧୁଆ ତୁଠ ନିର୍ମାଣରେ ଦୁର୍ନୀତି ଅଭିଯୋଗ ଖବର ପ୍ରସାରଣ ପରେ ଉକ୍ତ ସ୍ଥାନରେ ତଦନ୍ତ ପାଇଁ ପହଞ୍ଚିଲେ ମୁନିଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀ। ବାଘଡଙ୍ଗରି

- ସଠିକ୍ ତଦନ୍ତ ହୋଇ ନ ଥିବା ଗ୍ରାମବାସୀଙ୍କ ଅଭିଯୋଗ
- ଖବରକୁ ମିଛ ପ୍ରମାଣିତ କରିବା ପାଇଁ ଷଡ଼ଯନ୍ତ୍ର

**'ସକାଳ' ପ୍ରଭାବ**

ଓ ଇନ୍ଦିରାପଡ଼ା ଗ୍ରାମକୁ ଯାଇ ତଦନ୍ତ କରିବା ବଦଳରେ ଗାଧୁଆ ତୁଠ ପ୍ରକଳ୍ପ ନିର୍ମାଣ ସ୍ଥାନକୁ ଯାଇ ଠିକାଦାର ସାଙ୍ଗରେ ଆଣିଥିବା ଲୋକଙ୍କ ସହ ତଦନ୍ତ କରି ଫେରିଥିବାବେଳେ ଏହା ସଠିକ୍ ତଦନ୍ତ ହୋଇ ନ ଥିବା ଉଭୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଗ୍ରାମକୁ ନ ଯାଇ ସଠିକ୍ ତଦନ୍ତ ନ କରି ତରବରିଆ ଭାବେ ଉକ୍ତ ପ୍ରକଳ୍ପ ନିର୍ମାଣ କରୁଥିବା ଠିକାଦାରଙ୍କ ସହିତ ଯୋଗାଯୋଗ କରିବା ସହ ବାଘଡଙ୍ଗରି ଗାଁରୁ କିଛି ଲୋକଙ୍କୁ ଲୋଭ ଦେଖାଇ ପ୍ରକଳ୍ପ ସ୍ଥାନକୁ ଗାଡ଼ିରେ ବୁହାଯାଉଥିବା ଦେଖିବାକୁ ମିଳିଥିଲା। ବାଘଡଙ୍ଗରି ଗ୍ରାମରୁ ଉକ୍ତ ନିର୍ମାଣ ଗାଧୁଆ ତୁଠ ୬ କିଲୋମିଟର ବ୍ୟବଧାନ ରହୁଥିବାବେଳେ ଗ୍ରାମବାସୀ କିପରି ଉପକୃତ ହେବେ ତାହା ତଦନ୍ତ ସାପେକ୍ଷ। ଏହି ପ୍ରକଳ୍ପ ନିର୍ମାଣ ଦୁର୍ନୀତିରେ ବ୍ଲକ୍ ଅଧିକାରୀ ସମ୍ପୃକ୍ତ ଥିବା ଅଭିଯୋଗ ହେଉଥିବାବେଳେ ନିଜେ ତଦନ୍ତକାରୀ ଭାବେ ତଦନ୍ତ କରିବା ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ତେଣୁ ଏହାର ତଦନ୍ତ ଜିଲ୍ଲାପାଳଙ୍କ ଦ୍ୱାରା କରାଯିବା ସହ ଜିଲ୍ଲାପାଳ ନିଜେ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।

ସୂଚନା ଅନୁଯାୟୀ, ଅମ୍ବାଦଳା ନାଳର ଦୁଇ ପାର୍ଶ୍ୱରେ ଦୁଇଟି ପୃଥକ୍ ପୃଥକ୍ ଗାଧୁଆ ତୁଠ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ପାଇଁ ଦୁଇଟି ଫଳକ ରହିଥିବାବେଳେ ବାଘଡଙ୍ଗରି ଗାଧୁଆ ତୁଠ ବାଘଡଙ୍ଗରି ଗ୍ରାମରୁ ପ୍ରାୟ ୬ କିଲୋମିଟର ଦୂରରେ ଅବସ୍ଥିତ। ତେଣୁ ଉକ୍ତ ଗାଧୁଆ ତୁଠ ବାଘଡଙ୍ଗରି ଗ୍ରାମର ଲୋକଙ୍କ ବ୍ୟବହାରରେ ଆସିବ ନାହିଁ। ଉକ୍ତ ପ୍ରକଳ୍ପ କାର୍ଯ୍ୟ ସେଠାରେ ସ୍ଥଗିତ ରଖିବା ସହ ବାଘଡଙ୍ଗରି ଗ୍ରାମ ନିକଟରେ ନିର୍ମାଣ କରିବାକୁ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ବ୍ଲକ୍ ପ୍ରଶାସନ ପିସି ଖାଇବା ଚକ୍କରରେ ଚୁପ୍ ବସିବା ସହ ତଦନ୍ତକୁ ବିଭ୍ରାନ୍ତ କରିବା ପାଇଁ ନିଜେ ବ୍ଲକ୍ ଅଧିକାରୀ ଷଡ଼ଯନ୍ତ୍ର କରୁଥିବା ଅନୁମାନ କରାଯାଉଛି। ବାଘଡଙ୍ଗରି ଓ ଇନ୍ଦିରାପଡ଼ା ଗ୍ରାମକୁ ଯାଇ ତଦନ୍ତ ନ କରି ଠିକାଦାରଙ୍କୁ ହାତବାରିଶି କରିବା ଓ କିଛି ଲୋକଙ୍କୁ ପ୍ରକଳ୍ପ ସ୍ଥାନକୁ ଆଣି ସେମାନଙ୍କ ବୟାନ ନେବା ଏହା ଖବରକୁ ମିଛ ପ୍ରମାଣିତ କରିବା ପାଇଁ ଏକ ସୁପରିକଳ୍ପିତ ଷଡ଼ଯନ୍ତ୍ର ବୋଲି ଅଞ୍ଚଳରେ ଚର୍ଚ୍ଚା ହେବା ସହ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଥାଉକି, ବାଘଡଙ୍ଗରି ତଳଲିମା ନାମରେ ହେଉଥିବା ଗାଧୁଆ ତୁଠ ତଳଲିମା ମୌଜାରେ ହେଉଛି ସତ, କିନ୍ତୁ ପ୍ରସ୍ତାବିତ ସ୍ଥାନ ନିକଟରେ ତଳଲିମା ନାମରେ କୌଣସି ଗ୍ରାମ ନ ଥିବାବେଳେ ସେଠାରେ କୌଣସି ଲୋକ ବସବାସ କରୁନାହାନ୍ତି। ଫଳରେ ଏହି ପ୍ରକଳ୍ପ ବାଘଡଙ୍ଗରି ଗ୍ରାମର ଲୋକଙ୍କ କାମରେ ଆସିବ ନାହିଁ। ତେଣୁ ଉକ୍ତ ସ୍ଥାନରେ ଥିବା ଗୋଟିଏ ନାଳର ଦୁଇ ପାର୍ଶ୍ୱରେ ଦୁଇଟି ଗାଧୁଆ ତୁଠ ନିର୍ମାଣ କରିବା କାହା ସ୍ୱାର୍ଥରେ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିବା ସହ ବାଘଡଙ୍ଗରି ଗ୍ରାମ ଓ ଇନ୍ଦିରାପଡ଼ା ଗ୍ରାମକୁ ଯାଇ ତଦନ୍ତ କରିବା ପାଇଁ ଅନୁରୋଧ କରିଛନ୍ତି।

# ଖିଲାମଣ୍ଡା ସରକାରୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ପଦ୍ମପୁର,୧୦।୨(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ଖିଲାମଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟରେ ଆଡ଼ମ୍ବର ସହକାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାୟଗଡ଼ା ଜିଲ୍ଲା ବିଜେଡି ସଭାପତି ତଥା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା କଲ୍ୟାଣ ବିଭାଗ ଶିକ୍ଷା ମଣ୍ଡଳାଧୀସ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ଭାବେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ମଣିମାଳା ଶବର, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ର, ବ୍ଲକ୍ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ଶବର ପଦ୍ମପୁର ମଙ୍ଗଳ, ସମ୍ପ୍ରସାରଣ ଅଧିକାରୀ ସସ୍ମିତା ରଥ, ଆଖୁ ସିଂ ପଞ୍ଚାୟତ ପୂର୍ଣ୍ଣବାସୀ ଶବର, ଜିଲ୍ଲା ପରିଷଦ ସଦସ୍ୟ ରବିନାରାୟଣ ଆଚାର୍ଯ୍ୟ, ପଦ୍ମପୁର ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀମାନେ କିଭଳି ଶିକ୍ଷା ଓ କ୍ରୀଡ଼ାରେ ଜିଲ୍ଲାସ୍ତରରୁ ଆରମ୍ଭ କରି ରାଜ୍ୟସ୍ତରରେ ମଧ୍ୟ ଏହି ଶିକ୍ଷା ଅନୁଷ୍ଠାନର ପିଲା ନା ରଖିଛନ୍ତି ତାହା ଉପରେ ବୁଝାଇଥିଲେ। ଶିକ୍ଷକ ଟଙ୍କଧର ଲିମାଲପୁରୀ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପରିବେଷଣ କରିଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ କୁମକୁମ୍ ସ୍ୱାଇଁ ଓ ଖିଲମଣ୍ଡା ସରକାରୀ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ସୁନୀଲ କୁମାର ପାଢ଼ୀ ଛାତ୍ରୀମାନଙ୍କୁ ଉଚ୍ଚ ଅଭିଳାସ ରଖିହେବା ସହ ଆଜିର ଛାତ୍ରୀ ଭବିଷ୍ୟତର ଜଣେ ମହିୟସୀ ମହିଳାଙ୍କ ଭୂମିକା ଗ୍ରହଣ କରିବ ବୋଲି କହିବା ସହ ଆମଦେଶର ମହାନ୍ ରାଷ୍ଟ୍ରପତି ଯେକି ଜଣେ ମହିଳା ହୋଇ ଆମଦେଶର ସମ୍ମାନ ବଢ଼ାଇଛନ୍ତି ବୋଲି କହିଥିଲେ। ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ଜାତୀୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଛାତ୍ରୀ ଲିଲି କାସ୍କା କ୍ରୀଡ଼ା ପ୍ରଦର୍ଶନ କରି ସମ୍ମାନିତ ହୋଇଥିବାରୁ ସମସ୍ତେ ପ୍ରଶଂସା କରିଥିଲେ। ବିଦ୍ୟାଳୟର ଝୁନୁମିଶ୍ର, ସଂଯୁକ୍ତା ରାଣୀ ରଥ, ଲକେଶ୍ୱରୀ ବିଡିକା, ଇନ୍ଦ୍ରାଣୀ ଦାସ, ଧରିତ୍ରୀ ସାହୁ, ସମର୍ପିତା ପତି, ଦିପ୍ତିମୟୀ ପଣ୍ଡା, ସୁନିତା କୁମାରୀ ତାରିଣିଆ, ଅନୁପମା ନାୟକ, ସୁବାଷ ଚନ୍ଦ୍ର ଗରଡ଼ିଆ, ସୁମନ ପଣ୍ଡା, ଚନ୍ଦନ ବିଡ଼ିକା, କ୍ଷେତ୍ରବାସୀ ସ୍ୱାଇଁ ଓ ବୃନ୍ଦାବନ ସାହୁଙ୍କ ସହ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ଯୋଗଦେଇଥିଲେ।

# ମାସିଭ୍ ଓପନ୍ ଅନ୍‌ଲାଇନ୍ କୋର୍ସେସ ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ

**କୋରାପୁଟ, ୧୦।୨(ସମିସ):** ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ସୁନାବେଡ଼ା କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ମାସିଭ ଓପନ ଅନଲାଇନ କୋର୍ସେସ (ଏମଓଓସି) ଇଣ୍ଡକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାୟଲସୀମା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ୱାଇ ନରସିଂହୁଲୁ ଏବଂ ନୂଆଦିଲ୍ଲୀର ଏନ୍ଆଇଆଇଇପିଏର ଆଇଟି ମୁଖ୍ୟ ପ୍ରଫେସର କେ. ଶ୍ରୀନିବାସ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରି ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ନୂତନ ସୁଯୋଗ ସୃଷ୍ଟି ହୋଇଛି ଏବଂ ସେମାନେ ପାଠ୍ୟକ୍ରମ ବାହାରେ ପ୍ରବେଶ କରିପାରିବେ ବୋଲି କହିଛନ୍ତି। କୋରାପୁଟ ଭଳି ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଏମଓଓସି ଜରିଆରେ ଶ୍ରେଷ୍ଠ ପାଠ୍ୟକ୍ରମ ଓ ଅଧ୍ୟାପକ ପାଇପାରିବେ ବୋଲି ସେ କହିଛନ୍ତି। ପ୍ରଫେସର ଭି. ସି ଝା ଏନ୍ଇପି ୨୦୨୦ରେ ପରିକଳ୍ପିତ ଆନ୍ତଃଶୃଙ୍ଖଳା ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ପ୍ରଶାସନ ପରାମର୍ଶଦାତା ପ୍ରଫେସର ଭି.ସି.ଝା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ତଥା ବିଶ୍ୱବିଦ୍ୟାଳୟ ଏମ୍ଓଓସିର ସଂଯୋଜକ ଡ. କାକୋଲି ବାନାର୍ଜୀ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହାପରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ପ୍ରଫେସର ୱାଇ ନରସିଂହୁଲୁ ଏମ୍ଓଓସିରେ ଆଇସିଟିର ବ୍ୟବହାର ଏବଂ କ୍ରେଡିଟ୍ ଟ୍ରାନ୍ସଫର ଫ୍ରେମୱାର୍କ ବିଷୟରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର କେ. ଶ୍ରୀନିବାସ ଅଡିଓ ଭିଜୁଆଲ ମୋଡରେ ଶିକ୍ଷଣ ବିଷୟବସ୍ତୁ ସୃଷ୍ଟି କରିବା ପାଇଁ ବିଭିନ୍ନ ଆଇଟି ଉପକରଣ, ସଫ୍ଟୱେର ଏବଂ ଏହାର ବ୍ୟବହାର ବିଷୟରେ ଆଲୋଚନା କରିଥିଲେ। ସେ ଗୁଗୁଲ୍ କ୍ଲାସରୁମ୍, ମୁଡଲ୍, ଅନୁବଦିନୀ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ଉଦଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସିୟୁଓର ରେଜିଷ୍ଟ୍ରାର ପ୍ରଫେସର ଏନସି ପଣ୍ଡା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏମ୍ଓଓସି ମାଧ୍ୟମରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ବେଶ୍ ଉପକୃତ ହେବ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗର ମୁଖ୍ୟ ତଥା ଏମ୍ଓଓସିର ସଦସ୍ୟ ଡ. ସୌରଭ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ।

# ମହୁମାଛି ଆକ୍ରମଣରେ ୩ ଗୁରୁତର

**ଉମରକୋଟ,୧୦।୨(ସମିସ):** ମହୁମାଛି ଆକ୍ରମଣରେ ତିନିଜଣ ଗୁରୁତର ହୋଇଛନ୍ତି। ଗୁରୁତର ତିନି ହେଲେ ଉମରକୋଟ ପୌର ପରିଷଦ ସାନବାସିନି ଗ୍ରାମର ଧନୁର୍ଜୟ ମାଝୀ (୬୫), ମେଦାବେଡ଼ା ଗ୍ରାମର ନିଲମ ସାହୁ (୩୫) ଓ ଡାଳିମ୍ବ ସାହୁ (୩୦)। ମିଳିଥିବା ସୂଚନା ଅନୁସାରେ, ଧନୁର୍ଜୟ ଦିନମଜୁରିଆ ଭାବେ କାମ କରନ୍ତି। ସେ ସାଇକଲ ଯୋଗେ ଉମରକୋଟକୁ କାମ କରିବାକୁ ଆସୁଥିଲେ। ନିଲମ ଓ ଡାଳିମ୍ବ ସ୍ୱାମୀ ସ୍ତ୍ରୀ ବାଇକ୍ ଯୋଗେ କୌଣସି କାମରେ ଉମରକୋଟ ଆସୁଥିଲେ। ଏହି ସମୟରେ ଅଚାନକ ମେଦାବେଡ଼ା ଗ୍ରାମରେ ଏହି ତିନି ଜଣଙ୍କୁ ମହୁମାଛି ଆକ୍ରମଣ କରିଥିଲା। ସ୍ଥାନୀୟ ଲୋକେ ଏମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ନିଲମ ଓ ଡାଳିମ୍ବ ଘରକୁ ଫେରିଥିବାବେଳେ ଧନୁର୍ଜୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି।

# ବିପୁଳ ପରିମାଣର ମଦ ଓ ପୋଚ ନଷ୍ଟ

**ବୋରିଗୁମ୍ମା,୧୦।୨(ସମିସ):** କୋରାପୁଟ ଜିଲ୍ଲା ଅବକାରୀ ଅଧୀକ୍ଷକ ଅରୁଣ କୁମାରଙ୍କ ନିର୍ଦ୍ଦେଶ କ୍ରମେ ବୋରିଗୁମ୍ମା ଅବକାରୀ ବିଭାଗ ଦ୍ୱାରା ବୋରିଗୁମ୍ମା ଥାନା ଅନ୍ତର୍ଗତ କେବିଡି ଗ୍ରାମରେ ଚଢ଼ଉ କରି ବହୁ ପରିମାଣର ଚୋରା ମଦ ଓ ପୋଚ ନଷ୍ଟ କରାଯାଇଥିବା ଜଣାପଡ଼ିଛି। କେବିଡି ଗ୍ରାମରେ ଥିବା ନାଳ ଓ ଜଙ୍ଗଲ ଆଦି ଅଞ୍ଚଳରେ ବେଆଇନ ଭାବରେ ଚୋରା ଦେଶୀ ମଦ ପ୍ରସ୍ତୁତ କରି ଅନ୍ୟ ଗ୍ରାମରେ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଶନିବାର ଅବକାରୀ କର୍ମଚାରୀମାନେ ବେଆଇନ ଭାବରେ ଚୋରା ଦେଶୀ ମଦ ପ୍ରସ୍ତୁତ କରୁଥିବା ଭାଟି ଉପରେ ଚଢ଼ଉ କରି ୩୧୦ ଲିଟର ମଦ, ୨୨୦୦ ଲିଟର ପୋଚ ନଷ୍ଟ କରିଥିବା ବୋରିଗୁମ୍ମା ଅବକାରୀ ଥାନା ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଗୋପାଳ ସମାଜର କାର୍ଯ୍ୟକାରିଣୀ ବୈଠକ

**ଜୟପୁର,୧୦।୨(ସମିସ):** କୋରାପୁଟ ଜିଲ୍ଲା ଷୋହଳ ଖଣ୍ଡ ଗୋପାଳ ସମାଜର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଜୟପୁର ଯାଦବ ଭବନରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ସଭାପତି ପରମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସଂଗଠନକୁ ନେଇ ଆଲୋଚନାରେ ଜିଲ୍ଲା ତାଲୁକା ସହ ବୈପାରୀଗୁଡ଼ା ପାଇଁ ସ୍ୱତନ୍ତ୍ର ମୁଠା କମିଟି ଚୟନ କରାଯାଇଥିଲା। ଆଗାମୀ ଦିନରେ ସମସ୍ତ ବ୍ଲକ ପାଇଁ ମୁଠା କମିଟି କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼, ବୈପାରୀଗୁଡ଼ା ମୁଠା ସଭାପତି ପଦ୍ମନାଭ ଗୌଡ଼, ଉପସଭାପତି ଅଜୟ ଅମ୍ବ୍ରାମ୍ବର ନାୟକ, ସମ୍ପାଦକ ଉଦୟନାଥ ମହାଙ୍କୁଡ଼, ରାମଚନ୍ଦ୍ର ମହାଙ୍କୁଡ଼, ନାରାୟଣ ଗୌଡ଼, ବିଜୟ କୁମାର ଗୌଡ଼, ଭାସ୍କର ଚନ୍ଦ୍ର ଗୌଡ଼, କୈଳାସ ଚନ୍ଦ୍ର ଗୌଡ଼, ନକୁଳ କୁମାର ଗୌଡ଼, ଦେବାଶିଷ ଗୌଡ଼, ନକୁଳ କୁମାର ଗୌଡ଼, ରମେଶ ପ୍ରଧାନ, ରାମ ଚନ୍ଦ୍ର ଗୌଡ଼, ଅଶୋକ କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶ ଓ ଅଗ୍ନିବୀର ସମ୍ପର୍କିତ କର୍ମଶାଳା

**ନବରଙ୍ଗପୁର,୧୦।୨(ସମିସ)**




ନବରଙ୍ଗପୁର ମହାବିଦ୍ୟାଳୟଠାରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ତରଫରୁ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଓ ବିଜୁ କନ୍ୟା ରତ୍ନ ଯୋଜନା ଅନ୍ତର୍ଗତ ବାଳିକାମାନଙ୍କ ପାଇଁ ବୃତ୍ତିଗତ, ବୈଷୟିକ ଓ ଦକ୍ଷତା ଶିକ୍ଷାର ବିକାଶ କିପରି ହୋଇପାରିବ ଏବଂ ଯୁବବର୍ଗ, ଆତ୍ମନିର୍ଭର, ସଶକ୍ତ ଭାରତ ନିର୍ମାଣର ସ୍ୱପ୍ନକୁ ସାକାର କରିବା ଦିଗରେ ଯୁବଗୋଷ୍ଠୀ ଏବଂ ବାଳିକାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଭାରତ ସରକାରଙ୍କ ଦ୍ୱାରା ସେନାରେ ଯୋଗଦେବା ନେଇ ଅଗ୍ନିବୀର ଯୋଜନାରେ ସେବା କରିବାର ସୁଯୋଗ କିପରି ପାଇବେ ସେ ବିଷୟରେ ଆଲୋକପାତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀମାନଙ୍କୁ ଏହି ଅଗ୍ନିପଥ ଯୋଜନାରେ ସାମିଲ ହୋଇ ଦେଶର ପ୍ରଗତିରେ ଦେଶକୁ ଆଗେଇ ନେବା ସହ ବିଭିନ୍ନ ବୈଷୟିକ ଶିକ୍ଷାରେ ଅଂଶ ଗ୍ରହଣ କରି ସାମାଜିକ କୁସଂସ୍କାର ଓ ବିଭିନ୍ନ କୁପ୍ରଥାର ବଶବର୍ତ୍ତୀ ନ ହୋଇ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିବାବେଳେ କିଶୋର ଚନ୍ଦ୍ର ମାର୍ଥା, ଏଲପିଓ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲ। ଏହି କାର୍ଯ୍ୟକ୍ରମରେ ହାବିଲଦାର ଆରକେ ରାବତ ଏବଂ ସୁବେଦାର ଶିବୁ ଏମ୍ ୧୩ ଓଡ଼ିଶା ବାଟାଲିୟନ୍ ଏନସିସି ସାଧନ ବ୍ୟକ୍ତି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଅଗ୍ନିବୀର ଯୋଜନାର ଗୁରୁତ୍ୱ ଏବଂ ସେନାରେ ଯୋଗଦେଇ ଦେଶର ସେବା କରିବାର ସ୍ୱପ୍ନ ସାକାର କରିବାର ବିଭିନ୍ନ ସୁଯୋଗଗୁଡ଼ିକୁ ବୁଝାଇଥିଲେ। ଏଥିରେ ଜିଲ୍ଲା କର୍ମ ନିଯୁକ୍ତି କାର୍ଯ୍ୟାଳୟର ରିନା ନିସାଦ ଏବଂ ଚନ୍ଦ୍ରମଣି ମହାପାତ୍ର, ନବରଙ୍ଗପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଗୋବିନ୍ଦା ରାଓ ଉପସ୍ଥିତ ଥିଲେ। ନବରଙ୍ଗପୁର ମହାବିଦ୍ୟାଳୟ ଏବଂ ଜିଲ୍ଲାର ୯ଟି ସରକାରୀ ଓ ବେସରକାରୀ ମହାବିଦ୍ୟାଳୟର ପ୍ରାୟ ୩୦୦ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧ୍ୟାପକ ଶମ୍ଭୁ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଦିଲ୍ଲୀପ କୁମାର ହୋତା, ଅଶୋକ କୁମାର ପାତ୍ର ଏବଂ ଅନ୍ୟାନ୍ୟ କର୍ମଚାରୀ, ନବରଙ୍ଗପୁର ମହାବିଦ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ସମରେନ୍ଦ୍ର ପରିଡ଼ା, ମହେନ୍ଦ୍ର ଚାଳନ, ପୂର୍ଣ୍ଣଚନ୍ଦ୍ର ରାଇ, ସବିର କୋଟିମ ଓ ଅରୁଣାର ଜିଲ୍ଲା ସଂଯୋଜିକା ପ୍ରଭାସିନୀ ପଟ୍ଟନାୟକ ସହଯୋଗ କରିଥିଲେ।

# କିସ୍ ପକ୍ଷରୁ ଅଭିଭାବକ ସମ୍ମିଳନୀ

**ରାୟଗଡ଼ା, ୧୦।୨(ସମିସ):** ରାୟଗଡ଼ା ଜିଲ୍ଲା କିସ୍ ଅନୁଷ୍ଠାନ ତରଫରୁ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ କିସର ସଂଯୋଜକ ରୋନୀତ ଶବର, ଅମୂଲ୍ୟ ରତ୍ନ ସାହୁ, କିସ ଛାତ୍ରଛାତ୍ରୀ ଅଭିଭାବକ ସଭାପତି ବୁଦ୍ଧୁ କୋଣ୍ଡାଗିରି , ସମ୍ପାଦକ ଶ୍ରୀନିବାସ ତାଡ଼ିଙ୍ଗି, ସମାଜସେବୀ ଘାଷୀରାମ ମାଝି ଓ ଉପଦେଷ୍ଟା ଚିତ୍ରଶେନ ମାଝି ପ୍ରମୂଖ ଉପସ୍ଥିତ ଥିଲେ। କିସ୍ ଛାତ୍ର ଡ. ସଲୋଡେଷ କୁମାର ମିନିୟାକା ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କିସ୍ ଅନୁଷ୍ଠାନ ସହିତ କିସରେ ପାଠପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସୁସମ୍ପର୍କ ପ୍ରତିଷ୍ଠା, ଶିକ୍ଷାକୁ ରାୟଗଡ଼ା ଜିଲ୍ଲାରେ ସାର୍ବଜନୀନ କରିବା,ନାରୀ ଶିକ୍ଷାର ବିକାଶ ସମେତ କିସ୍ ଅନୁଷ୍ଠାନର ଏକ ଶାଖା ଜିଲ୍ଲାରେ ପ୍ରତିଷ୍ଠା ନେଇ ଆଲୋଚନା ହୋଇଥିଲା। କିସର ସଂଯୋଜକ ରୋନୀତ ଶବର ଏହି ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ବରିଷ୍ଠ ସାମ୍ବାଦିକ




ଅମୂଲ୍ୟ ରତ୍ନ ସାହୁ ରାୟଗଡ଼ା ଜିଲ୍ଲାରେ କିସର ଶାଖା ପ୍ରତିଷ୍ଠା ହେଲେ ସମାଜର ଆର୍ଥୀକ ପଛୁଆବର୍ଗର ଛାତ୍ରଛାତ୍ରୀ କିଭଳି ଉପକୃତ ହେବେ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ। ସେହିଭଳି ଘାଷୀରାମ ମାଝି ମଧ୍ୟ ଅବିଭାବକଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଉଚିତ ସମନ୍ୱୟ ରକ୍ଷା କରାଗଲେ ସୁସ୍ଥ ପରମ୍ପରା ଗଢ଼ିଉଠିବ ବୋଲି କହିଥିଲେ। ଆଗାମୀ ଦିନରେ ସମସ୍ତ ଅଭିଭାବକ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହିତ କିସ୍ ରାୟଗଡ଼ା ଶାଖା ପ୍ରତିଷ୍ଠା ନେଇ ଆଲୋଚନା କରିବା ପାଇଁ ସ୍ଥିରୀକୃତ ହେଲା। ଏହି ବୈଠକରେ ପାଞ୍ଚ ଶହରୁ ଉର୍ଦ୍ଧ୍ୱ ଅଭିଭାବକ ସାମିଲ ହୋଇଥିଲେ।

# ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ

ତେନ୍ତୁଲିଖୁଣ୍ଟି,୧୦।୨(ସମିସ)

ତେନ୍ତୁଲିଖୁଣ୍ଟି ବ୍ଲକ୍ ଦିଗି ପଞ୍ଚାୟତ ସଲପା ଗ୍ରାମରେ ‘ଆମ ଓଡ଼ିଶା, ନବୀନ ଓଡ଼ିଶା’ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷା ନୀଳେନ୍ଦ୍ରି ନାୟକ ମୁଖ୍ୟ ଅତିଥି ରୂପେ ମଞ୍ଚାସୀନ ଥିଲେ। ବ୍ଲକ ବିଜେଡି



ସଭାପତି ତଥା ବିଧାୟକ ପ୍ରତିନିଧି ପ୍ରଫୁଲ୍ଲ ନାଗ, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋୟୀ, ଟିଡିସି ନିର୍ଦ୍ଦେଶକ ତଥା ତେନ୍ତୁଲିଖୁଣ୍ଟି ଲ୍ୟାମ୍ପସ ସଭାପତି ଅଖିଳ ଭତରା, ଦିଗି ସରପଞ୍ଚ କିଶୋର ନାୟକ, ସମିତିସଭ୍ୟା, ଗୌଡ଼ ଦେଓପାଲି ସମିତିସଭ୍ୟ ସୁଧୀର ଖୁରା ପ୍ରମୁଖ ଉପସ୍ଥିତ ଥିଲେ। ଜଗନ୍ନାଥ ସଂସ୍କୃତି ସଂରକ୍ଷଣ, ମହିଳା ସଶକ୍ତୀକରଣ, କ୍ରୀଡ଼ାର ବିକାଶ, ଧର୍ମାନୁଷ୍ଠାନ ରୂପାନ୍ତରିତ, ବିଦ୍ୟାଳୟ ରୂପାନ୍ତରିତ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଜଳସେଚନ ବ୍ୟବସ୍ଥା ପାଇଁ ପଦକ୍ଷେପ, ସଡ଼କ, ବିଜୁଳି, ପାନୀୟଜଳ ଆଦିର ସୁବିଧା ହୋଇଥିବା ବକ୍ତାମାନେ ପ୍ରକାଶ କରିଥିଲେ। ସେହିପରି ଆଞ୍ଚଳିକ ଗୀତ ନୃତ୍ୟ ମାଧ୍ୟମରେ ସରକାରୀ ଯୋଜନାର ଲାଭ ଉଠାଇବା ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। କୁନେସ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ତପସ୍ୱିନୀ କର୍କରା, ତପନ ମିଶ୍ର, ସୁରେଶ ବିଶୋୟୀ, କେ.ସନ୍ତୋଷ, ପ୍ରକାଶ ସୁନା, ସମସ୍ତ ଆଶା, ଅଙ୍ଗନବାଡ଼ି, ଏମବିକେ, ସିଆରପି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ଦଶମନ୍ତପୁର

କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ‘ଲୁଲ୍ଲା’ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ କେତନ ହଲବାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ମିଳନ କୁମାର ଝାଙ୍କର ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ନାୟକ, ଜିଲ୍ଲା ପରିଷଦ ସଭ୍ୟ ୨ ଧନପତି ସାଉଁନ୍ତା, ଜିପିଇଓ ସ୍ମୃତି ରଞ୍ଜନ ନାୟକ, ଥାନା ଏଏସଆଇ ଏଲ.କେ ପଣ୍ଡା, ଏଏସଆଇ ରବୀନ୍ଦ୍ର ନାଥ ବଡ଼କୁମାର, ଗିଲ୍ଲିଗୁମ୍ମା ପିଇଓ ଜୁନାଥନ ହିଆଲ, ଡୁମ୍ବାଗୁଡ଼ା ପିଇଓ ରବି ତାମାର୍ବି, କାର୍ଯ୍ୟକ୍ରମ ଅଧିକାରୀ ଶକ୍ତି ନାୟକ, ଏସିପି ଶାନ୍ତନୁ କୁମାର ନାହାକ, ସ୍ଥାନୀୟ ସରପଞ୍ଚ ଚଞ୍ଚଳା ମୁଦୁଲି , ସମିତିସଭ୍ୟା ସବିତା



ହନ୍ତାଳ, ବ୍ଲକ୍ ଯୁବ ସଭାପତି ଆଶିଷ ଚେଟି, ବୁଦ୍ଧିଜୀବୀ ଲକ୍ଷ୍ମଣ କୁମାର ବିଶୋଇ, ଏସଏଚଜି ମହିଳାଙ୍କ ସମେତ ଏହି ପଞ୍ଚାୟତରୁ ପ୍ରାୟ ୨୦୦୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆମ ପଞ୍ଚାୟତର ବିକାଶ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଶେଷରେ ଗିଲ୍ଲିଗୁମ୍ମା ପିଇଓ ଶ୍ରୀ ହିଆଲ ଓ ଯୋଗାଣ ସହାୟକ ସୀମାଞ୍ଚଳ ତୁରୁକ ପରିଚାଳନା କରିଥିବାବେଳେ ମାର୍ଟିନ ଖସଲା ଧନ୍ୟବାଦ ଅର୍ପଣ କରିଥିଲେ। ଅଞ୍ଚଳବାସୀ ସହଯୋଗ କରିଥିବା ନଜରକୁ ଆସିଛି। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ଟିମ ମୁତୟନ ହୋଇଥିବା ନଜରକୁ ଆସିଛି।

### ● ସେମିଳିଗୁଡ଼ା

କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ ରାଜପୁଟ ଗ୍ରାମ ପଞ୍ଚାୟତ ନିକଟସ୍ଥ ପଡ଼ିଆରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ସେମିଳିଗୁଡ଼ା ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟବିରିଆ, ଉପାଧ୍ୟକ୍ଷ ଶିବା ବାଙ୍ଗାରି, ଧୀରେନ୍ଦ୍ର କୋଣ୍ଡାଗିରି ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଧାୟକ ପ୍ରତିନିଧି ଅନନ୍ତରାମ ମାଟାମ, ବିଜେଡି ଜିଲ୍ଲା ସଂଯୋଜିକା ଲତା ରାଇ, ରାଜପୁଟ ସରପଞ୍ଚ ପିତାମ୍ବର କିର୍ସାନୀ ନିଜ ଅଭିଭାଷଣରେ ତ୍ରିସ୍ତରୀୟ ପଞ୍ଚାୟତିରାଜ, ଜଙ୍ଗଲ ସୁରକ୍ଷା, ସ୍ୱାସ୍ଥ୍ୟ ସେବା ଉପରେ ଆଲୋକପାତ କରିଥିଲେ। ପଞ୍ଚାୟତ ନିର୍ବାହ ଅଧିକାରୀ ଲତା ପାତ୍ର, ବିଜେଡି ବ୍ଲକ ସଭାପତି, ରାମ ଅଣ୍ଟାବିରିଆ, ବିଜେଡି ପଞ୍ଚାୟତ ସଭାପତି ଡମ୍ବରୁ ଗୁଣ୍ଠା, ଯୁବାନେତା ଆଶିଷ ବାଲୁ ଯୋଗଦେଇଥିଲେ।

### ● ପାପଡ଼ାହାଣ୍ଡି

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ନାକଟିଗୁଡ଼ା ପଞ୍ଚାୟତ ସଦର ଗ୍ରାମରେ ଆମ ଓଡ଼ିଶା ନବୀନ ଓଡ଼ିଶାର ପଞ୍ଚାୟତସ୍ତରୀୟ ସଚେତନ ଶିବିର ଅନୁଷ୍ଠିତ ହୋଇଯାଇଛି। ନାକଟିଗୁଡ଼ା ଗ୍ରାମ ପଞ୍ଚାୟତ ବିପିସି ଶଶିକାନ୍ତ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ସମ୍ମାନିତ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ହେମଲତା ମାଝୀ, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଏବଂ ବିଡିଓ କପିଳଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଅତିଥିଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଅତିଥିମାନେ ଆମ ଓଡ଼ିଶା ନବୀନ ଓଡ଼ିଶାର ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଗ୍ରାମାଞ୍ଚଳର କିପରି ବିକାଶ ହୋଇଛି ସେ ନେଇ ଉପସ୍ଥାପନ କରିଥିଲେ। ସେଠାରେ ସ୍ଥାନୀୟ ଜନ ପ୍ରତିନିଧି ମଧ୍ୟ ସାମିଲ ହୋଇଥିଲେ। ଏହି ଯୋଜନାରେ ଉପକୃତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳର ବିକାଶ ଲାଗି ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଏକ ପ୍ରୟାସ ବୋଲି କହିଥିଲେ।

### ● ଗୁଡ଼ାରୀ

ଗୁଡ଼ାରୀ ବିଜ୍ଞାପିତ ଅଞ୍ଚଳ ପରିଷଦର ଗାନ୍ଧିନଗରସ୍ଥିତ ବସ୍ତିରେ ରାଜ୍ୟ ସରକାରଙ୍କ ‘ଆମ ଓଡ଼ିଶା-ନବୀନ ଓଡ଼ିଶା’ ମାଧ୍ୟମରେ ବସ୍ତିବାସିନ୍ଦାଙ୍କ ବିକାଶ ପାଇଁ ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି



କାର୍ଯ୍ୟକ୍ରମରେ ଗୁଡ଼ାରୀ ଏନ୍ଏଏସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବସ୍ତିର ପିଲାମାନେ ବିଭିନ୍ନ ନୃତ୍ୟ ପରିବେଷଣ କରିବା ସହ କାର୍ଯ୍ୟକ୍ରମ ସମାପନ ହୋଇଥିଲା।

## ଭାଷା, ସାହିତ୍ୟ, ସଂସ୍କୃତି ଓ ସୃଜନଶୀଳତାର ପର୍ବ ଉଦ୍‌ଯାପିତ

**ଜୟପୁର,୧୦।୨(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟରେ ‘ନୂଆ-ଓ’, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଓ ପୁରସ୍କାର ବିତରଣ ଉତ୍ସବ ମହାଆଡ଼ମ୍ବରରେ ଆୟୋଜିତ ହୋଇଛି। ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନାଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ବୈଠକରେ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ପ୍ରଚେଷ୍ଟା କରିବାକୁ ଆହ୍ୱାନ କରାଯାଇଥିଲା ଏବଂ ସମସ୍ତ କୃତୀ ଛାତ୍ରୀଙ୍କୁ ମାନପତ୍ର, ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ନରେନ୍ଦ୍ରନାଥ ପଟ୍ଟନାୟକ ଓଡ଼ିଆ ଭାଷାର ସ୍ଥିତି, ମୂଲ୍ୟବୋଧ ଏବଂ ଆଗାମୀ ଭବିଷ୍ୟତରେ ଭାଷାର ମର୍ଯ୍ୟାଦା କିଭଳି ବୃଦ୍ଧି ହେବ, ସେ ସମ୍ବନ୍ଧରେ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ତଥା ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା କୃଷ୍ଣା କୁମାରୀ ନନ୍ଦ, ଇତିହାସ ବିଭାଗର ପ୍ରାଧ୍ୟାପିକା ଡ. କନକଲତା ମହାପାତ୍ର ଭାଷାକୁ ଭିତ୍ତି କରାଯାଇ ଉତ୍କଳ ପ୍ରଦେଶ ଗଠନ, ଉତ୍କଳୀୟଙ୍କର ଭାଷା ପ୍ରିତି, ଆମ ଭାଷା ହିଁ ଭବିଷ୍ୟତ ବୋଲି କହିଥିଲେ। କାର୍ଯ୍ୟକ୍ରମର ନୋଡାଲ ଅଧିକାରୀ ଡ. ଡମ୍ବରୁଧର ଦାସ, ମୃତ୍ୟୁଞ୍ଜୟ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଯୁକ୍ତ ୨ର ନୋଡାଲ ଅଧିକାରୀ ସୁନିତା କୁମାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଡାବୁଗାଁ

ନବରଙ୍ଗପୁର ଜିଲ୍ଲା ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବୀଣା ମାଝୀ, ସମ୍ମାନିତ ଅତିଥି ଭାବେ ଡାବୁଗାଁ ତହସିଲଦାର ସଦାଶିବ ଭତ୍ରା ଯୋଗଦେଇଥିଲେ। ମୁଖ୍ୟଅତିଥି ଶ୍ରୀମତୀ ମାଝୀ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ଭାବେ ମାନ୍ୟତା ପାଇଛି। ଯାହାର ଗୁରୁତ୍ୱ ଛାତ୍ରଛାତ୍ରୀମାନେ ବୁଝିବାର ଆବଶ୍ୟକତା ରହିଛି। ତେଣୁ ଓଡ଼ିଆ ଭାଷାର ଗୁରୁତ୍ୱ ବୃଦ୍ଧି ପାଇଁ ଏହି ସୁନ୍ଦର କାର୍ଯ୍ୟକ୍ରମଗୁଡ଼ିକ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି ବୋଲି ସେ କହିଛନ୍ତି। ମୁଖ୍ୟବକ୍ତା ଭାବେ ରାଜନୀତି ବିଜ୍ଞାନ ପ୍ରଫେସର ବିଜୟ କୁମାର ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ବିକାଶ, ଜଗନ୍ନାଥ ସଂସ୍କୃତିର ବିକାଶ ଏବଂ ଓଡ଼ିଆ ଭାଷାର ସ୍ୱତନ୍ତ୍ର ପରିଚୟ ପ୍ରଦାନ ସହିତ ବିଭିନ୍ନ ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ବ୍ଲକ୍ ବିଜୁ ଜନତା ଦଳର ସଭାପତି ସୁରେନ୍ଦ୍ର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ସାଂସଦ ପ୍ରତିନିଧି ଏମ୍. ଆପା ରାଓ, ଭୈରବ ଉଚ୍ଚ ମାଧ୍ୟମିକ



ଡାବୁଗାଁ

ବିଦ୍ୟାଳୟର ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀ, ଶିକ୍ଷା ବିଭାଗର ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ, ବାଣିଜ୍ୟ ବିଭାଗୀୟ ଅଧ୍ୟାପକ ଶିବ ପ୍ରସାଦ ସାହୁ, ନବୀନ କୁମାର ନାଗେଶ୍, ଓଡ଼ିଆ ବିଭାଗୀୟ ଅଧ୍ୟାପକ ସରୋଜ ବଡୋକିଆ, ବିଜ୍ଞାନ ବିଭାଗୀୟ ଅଧ୍ୟାପକ ପଦ୍ମନ ଭତ୍ରା, ରଶ୍ମିତା ପାଢ଼ୀ, ରାଜନୀତି ବିଜ୍ଞାନ ବିଭାଗୀୟ ଅଧ୍ୟାପକ ସୁନିଲ ପରିଚ୍ଛା, ଗୋବର୍ଦ୍ଧନ ଭତ୍ରା, ଜଗଦୀଶ ମାଝୀ, ସରୋଜ ତ୍ରିପାଠୀ, ମାନସିଂହ ପନକାଙ୍କ ସହ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ସରୋଜ ବଡୋକିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଚିତ୍ରକୋଣ୍ଡା ଏସ୍ଏସ୍‌ଡି ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଚିତ୍ରକୋଣ୍ଡା,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ସରକାରୀ ଏସଏସଡି ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ତ୍ରିପାଠୀଙ୍କ ଆହ୍ୱାନ କ୍ରମେ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ମାଲକାନଗିରି ଜିଲ୍ଲା ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲୁ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ପଣସପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ରଥ, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସଭାପତି ଜଗବନ୍ଧୁ ଖରା, ରାଲେଗାଡ଼ା ସରପଞ୍ଚ କମୁଲୁ ହନ୍ତାଲ, ଚିତ୍ରକୋଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜାନକୀ ହନ୍ତାଲ, ଚିତ୍ରକୋଣ୍ଡା ବିଜୁ ଜନତାଦଳ ସଭାପତି ରଘୁ ଖରା, ସାମାଜିକ କର୍ମୀ ତଥା ବରିଷ୍ଠ ନାଗରିକ ଦେବେନ୍ଦ୍ର ଦାଶ ଯୋଗଦେଇଥିଲେ। ଅତିଥିମାନେ ଉଚ୍ଚ ଆଶା, ଉଚ୍ଚ ଶିକ୍ଷା, ଉନ୍ନତ ମାନର ଶିକ୍ଷା, ଉତ୍ତମ ଗୁରୁ ଗ୍ରହଣ କରି ନିଜ କ୍ୟାରିୟର ଗଠନ କରିବା ପାଇଁ ଭବିଷ୍ୟତରେ ଉଚ୍ଚ ଅଭିଳାଷ ସହ ବିଭିନ୍ନ ପଦବୀରେ ରହିବା ପାଇଁ ଛାତ୍ରଛାତ୍ରୀଙ୍କୁ ଅଭିପ୍ରେରିତ କରିଥିଲେ। ସ୍ୱାଭିମାନ ଅଞ୍ଚଳର ଐତିହ୍ୟ, ଆଦିବାସୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷଣ କରିବା ସହ ନିଜର ଭାଷା ଏବଂ ଭୂମିକୁ ସର୍ବଦା ମନେରଖିବା ପାଇଁ ଆହ୍ୱାନ ଦେଇଥିଲେ। ବାର୍ଷିକ ଉତ୍ସବ ଅବସରରେ ଅଧିବେଶନ ପର୍ଯ୍ୟାୟରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହ ବିଦ୍ୟାଳୟର ପ୍ରଗତି ବିବରଣୀ ପାଠ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅଭିଭାଷଣ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ରୀଡ଼ା ତଥା ଶିକ୍ଷାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

## ‘ଫୁଟ୍‌ବଲ୍ ଫର୍ ସ୍କୁଲ୍’ କାର୍ଯ୍ୟକ୍ରମ

**ତେନ୍ତୁଳିଖୁଣ୍ଟି,୧୦।୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଖାତିଗୁଡ଼ା ଜବାହର ନବୋଦୟ ବିଦ୍ୟାଳୟରେ ‘ଫୁଟବଲ ଫର୍ ସ୍କୁଲ୍’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କେନ୍ଦ୍ର ଶିକ୍ଷା ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧ୍ୟକ୍ଷ ସହଦେବ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୋହନ ବାଘ ଯୋଗଦେଇଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ଟି



ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଛାତ୍ରଛାତ୍ରୀ, ଜବାହର ନବୋଦୟ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ୧୦ଟି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କୁ ଫୁଟବଲ ବଣ୍ଟନ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଫୁଟବଲ ବିତରଣ କରାଯିବ ବୋଲି ପ୍ରିନ୍ସପାଲ ତାଙ୍କ ବକ୍ତବ୍ୟରେ କହିଥିଲେ। ଶେଷରେ ୧୦ ମିନିଟ୍ ପାଇଁ ଛାତ୍ରମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ

**ମାଲକାନଗିରି,୧୦।୨(ସମିସ):** ମାଲକାନଗିରି ଜିଲ୍ଲା ସଦର ମହକୁମା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ପରିସରରେ ଶୁକ୍ରବାର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଉଦଘାଟନ କରିଥିବାବେଳେ ରାଜ୍ୟ ପର୍ଯ୍ୟବେକ୍ଷକ ଲିଙ୍ଗରାଜ ମହାନ୍ତି, କାଳିମେଳା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ବରିଷ୍ଠ କ୍ରୀଡ଼ାବିତ ସତବିର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୯୫ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଦିବାରାତ୍ର ଅନୁଷ୍ଠିତ ହେଉଥିବାବେଳେ ମୋଟ ୧୩ଟି ଇଭେଣ୍ଟ କରାଯିବ। ମୁଖ୍ୟ ରେଫରି ଭାବେ ସ୍ୱାଧୀନ ମିଶ୍ର ପରିଚାଳନା କରୁଥିବାବେଳେ ତାଙ୍କ ଅଧୀନରେ ଅନ୍ୟ ୧୩ ରେଫରି ଖେଳ ପରିଚାଳନା କରୁଛନ୍ତି। ଏକା ସମୟରେ ଦୁଇଟି କୋର୍ଟରେ ଧାରାବାହିକ ଭାବେ ପ୍ରତିଯୋଗିତା ହେଉଛି। କୋର୍ଟ ୧ରେ ୧୮ଟି ଦଳ ଓ କୋର୍ଟ ୨ରେ ୧୮ ଦଳକୁ ନେଇ ଆଜିର ଖେଳ ଆରମ୍ଭ ହୋଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ଏହି ଖେଳାଳିମାନଙ୍କ ପାଇଁ ମାଲକାନଗିରି ସଦର ମହକୁମାରେ ସମସ୍ତ ରହିବା, ଖାଦ୍ୟପେୟର ବ୍ୟବସ୍ଥା କମିଟି ତରଫରୁ କରାଯାଇଛି। ଏହି ଖେଳକୁ ଜଗନ୍ନାଥ ସାହୁ, ପ୍ରିତପଲ ସିଂ, ଫୁଲବାଣୀ ସମ୍ପାଦକ ଦିପକ ମହାନ୍ତି, ନବରଙ୍ଗପୁର ସମ୍ପାଦକ ରାଜେଶ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଛି। ଏହି ଖେଳ ଦେଖିବା ପାଇଁ ଯୁବପିଢ଼ି ଓ ଛାତ୍ରଛାତ୍ରୀମାନେ ବହୁଳ ପରିମାଣରେ ଅଂଶଗ୍ରହଣ କରିଥିଲେ।

## ପାପଡ଼ାହାଣ୍ଡି ବ୍ଲକ୍ ମିଶନ ଶକ୍ତି କବି ସମ୍ମିଳନୀ



**ପାପଡ଼ାହାଣ୍ଡି,୧୦।୨(ସମିସ):** ଶୁକ୍ରବାର ପାପଡ଼ାହାଣ୍ଡି ବ୍ଲକ୍ ସମ୍ପନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ଥିବା ସଭା ଗୃହରେ ମିଶନ ଶକ୍ତି କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାପଡ଼ାହାଣ୍ଡି ବିଡିଓ କପିଳଦେବ ସାହୁ ଏବଂ ସିଡିପିଓ ଏସ୍. ଗୀତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଡାଲିମଦେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ଡ. ସାନା ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଏଲଏଫ ସଭାନେତ୍ରୀ ଡି.ଭବାନୀ, ବିଏଲଏଫ ସଭାନେତ୍ରୀ ନିରଞ୍ଜନା ପଟ୍ଟନାୟକ, ଆଇସିଡିଏସ୍ ସୁପରଭାଇଜର ଚନ୍ଦନା ମହାରଣା, ପରବିନ ବେଗମ, ଭକ୍ତି ପୁଷ୍ପା ସାହୁ, ରମା ପଟ୍ଟନାୟକ ଏବଂ ମମତା ପି ଏ ଶ୍ରୀନିବାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ସମ୍ମିଳନୀରେ ପାପଡ଼ାହାଣ୍ଡି ବ୍ଲକର ଏସଏଚଜି ସଭ୍ୟାମାନଙ୍କ ମଧ୍ୟରୁ ୨୫ ଜଣ କବୟିତ୍ରୀ ଭାଗ ନେଇଥିଲେ। ତନ୍ମଧ୍ୟରୁ ଶାନ୍ତିମଣି ତାର ପ୍ରଥମ ସ୍ଥାନ ହାସଲ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପାପଡ଼ାହାଣ୍ଡି ବ୍ଲକ୍ ମିଶନ ଶକ୍ତି ସଂଯୋଜକ ପ୍ରୀତିକାନ୍ତ ସାଧୁ ପରିଚାଳନା କରିଥିଲେ। ବିଏଲସି ସନ୍ଧ୍ୟାରାଣୀ ବିଶୋୟୀ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ୧୩ରୁ ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଧାରଣା

**ଜୟପୁର,୧୦।୨(ସମିସ):** ଗ୍ରାମ୍ୟ କୃଷି କର୍ମଚାରୀ କ୍ୟାଡର ପୁନର୍ଗଠନ କରିବା ଦାବି ନେଇ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ମୋବାଇଲ ସେବା କାର୍ଯ୍ୟରୁ କର୍ମଚାରୀମାନେ ନିବୃତ ରହିବେ ଏବଂ ଆସନ୍ତା ୧୩ରୁ ୧୯ ତାରିଖ ଯାଏଁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ। ଦାବି ପୂରଣ ନ ହେଲେ ଆସନ୍ତା ୨୦ରୁ ରାଜ୍ୟ ମୁଖ୍ୟାଳୟରେ ଅନିର୍ଦ୍ଦିଷ୍ଟ ସମୟ ଯାଏଁ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏନେଇ ଜିଲ୍ଲା ଗ୍ରାମ୍ୟ କୃଷି କର୍ମଚାରୀ ସଂଘର ଉଭୟ ମହିଳା ଓ ପୁରୁଷ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଶକ୍ତ ଓଡ଼ିଶା ସାଥୀ ଶିବିର

## ଜନଜାତିଙ୍କ କଳା, ସଂସ୍କୃତି ଓ ପ୍ରଗତି ପାଇଁ ସରକାରଙ୍କ ପ୍ରୟାସ

ବିଷମକଟକ, ୧୦।୨(ସମିସ)

ବିରଳ ଜନଜାତି ସେମାନଙ୍କ କଳା, ସଂସ୍କୃତି, ପରମ୍ପରା ଓ ସେମାନଙ୍କ ଚାଲିଚଳନର ପ୍ରଗତି ପାଇଁ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ପ୍ରଶାସନର ଆନୁକୂଲ୍ୟରେ ସଶକ୍ତ ଓଡ଼ିଶା ସାଥୀ ଶିବିର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଜନଜାତିଙ୍କ କଳା, ସଂସ୍କୃତି ଓ ପରମ୍ପରା ପ୍ରଗତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରୟାସ ଆରମ୍ଭ କରାଯାଇଛି।



ମୁଖ୍ୟଅତିଥି ଭାବେ ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ଯୋଶଦା ହୁଇକା, ଉପାଧ୍ୟକ୍ଷ ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲାପରିଷଦ ସଦସ୍ୟା ସୁଜାତା କାଡ୍ରାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ପୁଲକି ୱାଡ଼କା, ଲହରି କୁଣ୍ଡିକା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାସିବ ନାୟକଙ୍କ ସମେତ ବ୍ଲକର ସମସ୍ତ ସରପଞ୍ଚ ଉପସ୍ଥିତ ଥିଲେ। ଜନଜାତିଙ୍କ ବିକାଶ ସହ କଳା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରାଯିବା ନେଇ ଅତିଥିମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ। ବିଷମକଟକ ବ୍ଲକର ବିଭିନ୍ନ ପଞ୍ଚାୟତର ଗ୍ରାମ ମୁଖିଆ, ଜାନୀ, ଦିଶାରୀ, ଦେଶୀ ଔଷଧ ସେବାକାରୀ, ସଂଗୀତଜ୍ଞ, ବାଦ୍ୟ କଳାକାର ଓ ନୃତ୍ୟଶିଳ୍ପୀ ପ୍ରମୁଖ ୫୦ ଜଣଙ୍କୁ ଅତିଥିମାନେ ଉପଢ୍ୌକନ ଓ ପ୍ରଶଂସାପତ୍ର ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିରଳ ଜନଜାତିଙ୍କ ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଗୋଡିଗୁଡ଼ା ଆଶ୍ରମ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ତ୍ରିପତି ହିକକା ମଞ୍ଚ ପରିଚାଳନା କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଶୁଭପ୍ରଦା ଶାସମଲ ସମସ୍ତ ଅତିଥି ଓ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ସ୍ଥଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆଦିବାସୀ ଲୋକକଳା ଏବଂ ସଂସ୍କୃତିକୁ ବଜାଇ ରଖିବା ପାଇଁ କରାଯାଇଥିବା ପ୍ରୟାସ ଗୁଡ଼ିକୁ ଏକ ବୃତ୍ତଚିତ୍ର ମାଧ୍ୟମରେ ଲୋକଙ୍କୁ ପଦର୍ଶିତ କରାଯାଇଛି।

### ● ଉମରକୋଟ

ସାରା ରାଜ୍ୟକୁ ସୁଦୃଢ଼, ସଶକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଣ୍ଟା ଭିଡ଼ିଥିବାବେଳେ ରାଜ୍ୟର ପ୍ରତ୍ୟେକ ବ୍ଲକରେ ବ୍ଲକସ୍ତରୀୟ ସଶକ୍ତ ଓଡ଼ିଶା ସାଥୀ ଶିବିରର ଆୟୋଜନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପରିସରରେ



ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରୀତି ରଞ୍ଜନ ରଥଙ୍କ ସଭାପତିତ୍ୱରେ ସଶକ୍ତ ସାଥି ଶିବିର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଞ୍ଚଳର ପ୍ରାୟ ୭୫ଜଣ ପ୍ରତିଭାବାନ ଚାଷୀ, ଖେଳାଳି, ନାଟଗୁରୁଙ୍କୁ ମନୋନୀତ କରାଯାଇଥିଲା ଏବଂ ସେଥିମଧ୍ୟରୁ ୨୫ଜଣଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଡିସି ଅଧ୍ୟକ୍ଷ ଉପେନ୍ଦ୍ର ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବାବେଳେ ପିଏ ଆଇଟିଡିଏ ରାଜୀବ କୁମାର ସାହୁ ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ସୁଶୀଳା ମାଝୀ, ଏଡିଡବ୍ଲୁଓ ସତ୍ୟବ୍ରତ ବେହେରା, ଏସଡିସି ସଭ୍ୟ ଶିବ ସାନ୍ତା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଧୁଭୂଷଣ ବେହେରା ମଞ୍ଚାସୀନ ଅତିଥି ରୂପେ ଯୋଗଦେଇଥିଲେ। ଟୁଟୁବାବୁ ପଟ୍ଟନାୟକ ଓ ବିବେକାନନ୍ଦ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ।

### ● ଚନ୍ଦ୍ରପୁର



ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ପରିସରରେ ଆୟୋଜିତ ଅନୁଚିତ ଜାତି ଓ ଜନଜାତି କର୍ଯ୍ୟମରେ ସଂଖ୍ୟାଲଘୁ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ସାଂସ୍କୃତିକ ପ୍ରଗତି ସଶକ୍ତ ଓଡ଼ିଶା ସାଥୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ସମନ୍ୱିତ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକା ଶାନ୍ତିପ୍ରଭା ପ୍ରଧାନ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ମଲ୍ଲିକ, ସଭାପତି ଭାବେ ଏସଡିସି ମେମ୍ବର ଧାନୁମାଝୀ କୁମ୍ରୁକା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଦୀପ କୁମାର ଦଳେଇ, ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନ, ବୁଡୁବାଲି ସରପଞ୍ଚ ଭୀମ ଗୋଜରେଙ୍ଗା, ଟୁରିଗୁଡ଼ା ସରପଞ୍ଚ ସୁନିତା ମୁଣ୍ଡିକା, ସମିତିସଭ୍ୟ ମନୋଜ ପ୍ରାସ୍କା ଓ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତିରେ ଜଗନ୍ନାଥ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରାଯାଇଥିଲା। ଜନଜାତିଙ୍କ ବିକାଶ ସହ କଳା ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରାଯିବା ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏଥି ସହିତ ବିଭିନ୍ନ ଗ୍ରାମରୁ ଆସିଥିବା ସ୍ୱତନ୍ତ୍ର ଉନ୍ନୟନ ସଭ୍ୟ ଓ ଜନଜାତି ସମ୍ପ୍ରଦାୟର ବ୍ୟକ୍ତିବିଶେଷ, ସଶକ୍ତ ଓଡ଼ିଶା ସାଥୀ ପ୍ରମୁଖ ୨୦ ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ବୁଡୁବାଲି ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ଓ ଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା। ଚନ୍ଦ୍ରପୁର ବ୍ଲକର କର୍ମଚାରୀ ପ୍ରଦୀପ ଝୁନାକା ମଞ୍ଚ ପରିଚାଳନା କରିଥିବାବେଳେ କାର୍ଯ୍ୟକ୍ରମର ଆବାହକ ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା, ତପନ ଦଳେଇ, ବିକାଶ ନାୟକ, ଅଜିତ ହିଆଲ ଜାନି, ମାଧବ ରାଓ, ଦିଲନ କୁମାର ଗୌଡ଼ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଚନ୍ଦ୍ରପୁର ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କ ସହ ପୁଲିସ କର୍ମଚାରୀ ଶାନ୍ତି ଶୃଙ୍ଖଳା ରକ୍ଷାକରିଥିଲେ।

